୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK — पर्यवेक्षक

Vol.27. No.52 Bhubaneswar Wednesday April 02 2025 | ୨୭ତମ ବର୍ଷ ସଂଖ୍ୟା–୫୨ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୦୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


# ଫେଲ ମାରିଲା ଆୟୁଷ୍ମାନ ଭାରତ: ବିଜେପି ସରକାରର ଆଉ ଏକ ପ୍ରତିଶ୍ରୁତି ପାଣିର ଗାର




ଭୁବନେଶ୍ୱର,୧ ।୪(ପି.ଏନ): ଏପ୍ରିଲ ପହିଲାରୁ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ରାଜ୍ୟ ସରକାର । କିନ୍ତୁ ପ୍ରତିଶ୍ରୁତି ପାଲଟିଲା ପାଣିର ଗାର । ରାଜ୍ୟ ବାହାରେ ଉନ୍ନତ ଚିକିତ୍ସା ପାଇଁ ଆୟୁଷ୍ମାନ ଯୋଜନା ଫଳପ୍ରଦ ହୋଇଥାନ୍ତା ବୋଲି କହିଥିଲେ ସରକାର । କ୍ଷମତାକୁ ଆସିବା ପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ)ର ନାମ ବଦଳାଇ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କଲେ । ଆଉ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ସମ୍ମିଶ୍ରଣରେ ନୂଆ କାର୍ଡ ହିତାଧିକାରୀଙ୍କୁ ଦିଆଯିବା କଥା । ହେଲେ ଗୋଟିଏ ଆସ୍ୟୁଡ ସ୍କିମ ଓ ଅନ୍ୟଟି ଇନସ୍ୟୁଡ ସ୍କିମ ହୋଇଥିବାରୁ କନଭର୍ଜ ?ନ୍ସରେ ବୈଷୟିକ ସମସ୍ୟା ଦେଖାଦେଇଛି । ୧୫ ଦିନ ମଧ୍ୟରେ ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । କାହିଁକି ଫେଲ ମାରିଲା ଡେଡଲାଇନ ? କେଉଁଠି ରହିଲା ଅସୁବିଧା ? ନବୀନ ସରକାର ଅମଳରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମାଇଲ ଖୁଣ୍ଟ ଭାବେ ପରିଚିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଏବଂ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବ୍ୟବସ୍ଥା ଥିଲା । ବିଜେପି ସରକାରରେ ଏହାର ନାମ ପରିବର୍ତ୍ତନ କରି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କରାଗଲା ପରେ ବି ବ୍ୟବସ୍ଥା ସମାନ ଥିଲା । ଏହାସହ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ସମ୍ମିଶ୍ରଣ କରି ରାଜ୍ୟରେ ଲାଗୁ କରିବା ପାଇଁ ନିଷ୍ପତ୍ତି ହେଲା । ଏପ୍ରିଲ ପହିଲାରୁ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ମାର୍ଚ୍ଚ ୧୨ ତାରିଖରେ ଘୋଷଣା କରିଥିଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ । ହେଲେ ତାହା ହୋଇପାରିଲା ନାହିଁ । ଉଭୟ ଯୋଜନାରୁ ଗୋଟିଏ ଇନସ୍ୟୁଡ ହୋଇଥିବା ବେଳେ, ଆଉ ଗୋଟିଏ ଆସ୍ୟୁଡ । ଉଭୟ ଯୋଜନାର ହିତାଧିକାରୀଙ୍କ ପାଇଁ ଅଲଗା ଅଲଗା ଗାଇଡଲାଇନ ଥିବାରୁ, ଏହାକୁ ଗୋଟିଏ ପ୍ଲାଟଫର୍ମକୁ ଆଣିବା ପାଇଁ ବୈଷୟିକ ସମସ୍ୟା ଥିବାରୁ ବିଳମ୍ବ ହେଉଥିବା ଜଣାପଡିଛି । ଆୟୁଷ୍ମାନ ଭାରତ ଯୋଜନାର ଡେଡଲାଇନ ଫେଲ୍ ମାରିଥିବା ବେଳେ, ରାଜ୍ୟରେ ନୂଆ ମଦ ନୀତି ପାଇଁ ବି ଏପ୍ରିଲ ପହିଲାକୁ ଦିନ ଧାର୍ଯ୍ୟ ହୋଇଥିଲା, ତାହା ବି ଫେଲ୍ ମାରିଛି । ଏପଟେ ଓଡିଶା ଦିବସକୁ କଳାଦିବସ ଭାବେ ପାଳନ କରିଛନ୍ତି ନୂତନ ପେନସନଭୁକ୍ତ ସରକାରୀ କର୍ମଚାରୀ । ପୁରୁଣା ପେନସନ ଦାବିରେ ଲକ୍ଷ ଲକ୍ଷ କର୍ମଚାରୀ ସୋସିଆଲ ମିଡିଆରେ ଓଡିଶା ଦିବସକୁ କଳା ଦିବସ ଭାବେ ଅଭିହିତ କରିଛନ୍ତି । ନ୍ୟାସନାଲ ପେନସନ ସିଷ୍ଟମ ନୁହେଁ କି କେନ୍ଦ୍ର ଦ୍ୱାରା ଲଦି ଦିଆଯାଇଥିବା ୟୁନିଭର୍ସାଲ ପେନସନ ସିଷ୍ଟମ ନୁହେଁ, କେବଳ ପୁରୁଣା ପେନସନ୍ ସିଷ୍ଟମ ଦରକାର ବୋଲି ଦାବି କରିଛନ୍ତି ସରକାରୀ କର୍ମଚାରୀ । ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଛନ୍ତି ରାଜ୍ୟର ୧ କୋଟି ପରିବାର । ଏଥିପାଇଁ ୬ ହଜାର ୨୪୯ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ସରକାର । ହେଲେ ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ ହେଲେ, ଦେଶର ୨୯ ହଜାର ଘରୋଇ ହସ୍ପିଟାଲରେ ରୋଗୀ ଚିକିତ୍ସା ସୁବିଧା ପାଇବେ ବୋଲି ଆକଳନ କରାଯାଇଛି ।

## ବିଜେପି-ଏଆଇଏଡିଏମକେ ମେଣ୍ଟ କଲେ ଆନ୍ନାମଲାଇ କ'ଣ କରିବେ ?



ଭୁବନେଶ୍ୱର,୧ ।୪(ପି.ଏନ) ତାମିଲନାଡୁରେ ବିଜେପିର ଅସ୍ତିତ୍ୱ ବଜାୟୀ ରଖିବା ପାଇଁ ଆଇପିଏସ ଅଫିସରରୁ ରାଜନେତା ବନିଥିବା କେ ଆନ୍ନାମଲାଇ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ୨୦୨୩ରେ ଆନ୍ନାମଲାଇ ସିଧାସଳଖ ବିଜେପି ନେତୃବୃନ୍ଦଙ୍କୁ ଧମକ ଦେଇଥିଲେ। ଯଦି ବିଜେପି ୨୦୨୪ ସାଧାରଣ ନିର୍ବାଚନରେ ଏଆଇଏଡିଏମକେ ସହ ମେଣ୍ଟ କରିବ, ତା'ହେଲେ ସେ ଦଳ ଛାଡି ଦେବେ। ଆନ୍ନାମଲାଇ ସବୁବେଳେ ଏକାକୀ ଲ ?ିବାକୁ ପସନ୍ଦ କରନ୍ତି ।ସେ କୌଣସି ଦଳ ସହ ମେଣ୍ଟ କରିବା ସପକ୍ଷରେ ମତ ରଖନ୍ତି ନାହିଁ। କିନ୍ତୁ ଏବେ ବିଜେପିର କେନ୍ଦ୍ରୀୟ ନେତୃବୃନ୍ଦ ୨୦୨୬ ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଏଆଇଏଡିଏମକେ ସହ ମେଣ୍ଟ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ୨୦୨୩ରେ ଯେଉଁ ଆନ୍ନାମଲାଇ ମେଣ୍ଟ ବିପକ୍ଷରେ ମତ ରଖିଥିଲେ ଏବେ ସେ ନିଜର ସ୍ୱରକୁ ସାମନ୍ୟ କରି ଦେଇଥିବା କୁହାଯାଉଛି। କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଚାପରେ ସେ ମେଣ୍ଟ ବିରୋଧରେ ମତ ରଖିବାକୁ ସକ୍ଷମ ହେଉ ନାହାନ୍ତି। କିନ୍ତୁ ମେଣ୍ଟ ହେବା ପରେ ସେ ବିଜେପିର ତାମିଲନାଡୁ ମୁଖ୍ୟ ପଦରୁ ଇସ୍ତଫା ଦେବେ ବୋଲି କୁହାଯାଉଛି ।ବିଜେପି କହିଲେ ତାମିଲନାଡୁରେ ଆନ୍ନାମଲାଇଙ୍କୁ ବୁଝାଏ। ଏପରି ସ୍ଥିତିରେ ଯଦି ବିଜେପି ପୁଣି ଏଆଇଏଡିଏମକେ ସହ ମେଣ୍ଟ କରୁଛି, ତା'ହେଲେ ଆନ୍ନାମଲାଇ କ'ଣ କରିବେ ? ସେ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଚାପରେ ଚେପା ହୋଇ ରହିବେ ନା ଦଳ ଛାଡିବେ ? ସେହିପରି ଏତେ ପରିଶ୍ରମ କରି ଆନ୍ନାମଲାଇ ତାମିଲନାଡୁରେ ବିଜେପିର ଯେଉଁ ଉଥାନ କରିଥିଲେ, ସେ ଉଦ୍ୟମକୁ ମେଣ୍ଟ ନିଶ୍ଚିତ ଶକ୍ତ ଝଟକା ଦେବ। ମେଣ୍ଟ ହେବା ପରେ ଆନ୍ନାମଲାଇ କ'ଣ ସବୁ ଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ କି ?

## ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିବାରେ ଲାଗିଛି: ଆଗକୁ ସ୍ଥିତି ଭୟଙ୍କର ହୋଇପାରେ

ଭୁବନେଶ୍ୱର,୧ ।୪(ପି.ଏନ): ହୀରାକୁଦ ଜଳଭଣ୍ଡାରକୁ କ୍ରମାଗତ ଭାବେ ଜଳ ପ୍ରବେଶର ମାତ୍ରା କମିଥିବା ବେଳେ ଦେଖୁ ଦେଖୁ ୬୧୫ ଫୁଟକୁ ଖସି ଆସିଲାଣି ଜଳସ୍ତର । ଗତବର୍ଷ ତୁଳନାରେ ଜଳ ଭଣ୍ଡାରର ଜଳସ୍ତର ପାଖାପାଖି ୩ ଫୁଟ୍ କମିଥିବାବେଳେ ୬୧୫ଦଶମିକ ୩୧ ଫୁଟ୍ ରେ ପହଞ୍ଚିଛି ଜଳସ୍ତର । ଗତବର୍ଷ ଏହି ସମୟରେ ୬୧୭ ଦଶମିକ ୭୩ ଫୁଟ୍ ପାଣି ଥିବା ବେଳେ ଚଳିତ ବର୍ଷର ଜଳ ସ୍ତରର ଦେଖି ଚିନ୍ତାରେ ପଡିଲେଣି ମହାନଦୀକୁ ଭରସା କରୁଥିବା ଲୋକେ

## କଂଗ୍ରେସର ସ୍ୱରକୁ ଚପାଇବା ସହ ଦମନ କରିବାକୁ ବିଜେପି କରୁଛି ହୀନ ଚକ୍ରାନ୍ତ: ପିସିସି ସଭାପତି

ଭୁବନେଶ୍ୱର,୧ ।୪(ପି.ଏନ): ଅସାଧୁ ଉପାୟରେ କଂଗ୍ରେସର ସ୍ୱରକୁ ଚପାଇ ଦେବାକୁ ହେଉଛି ଉଦ୍ୟମ । ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ଆନ୍ଦୋଳନକୁ ତୀବ୍ର କରୁଛି ଦଳ। ହେଲେ ଦମନ ପାଇଁ ଶାସକ ଦଳ କରୁଛି ହୀନ ପ୍ରୟାସ । ଶାସକ ବିଜେପି ବିରୋଧରେ ଏପରି ସାଂଘାତିକ ଖୁଲାସା କରିଛନ୍ତି ଖୋଦ ପିସିସି ସଭାପତି । ଯାହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ଉଭୟ ବିଜେପି ଓ କଂଗ୍ରେସ । ମ୍ୟାନେଜ ହେବେ କି ଭକ୍ତ । ଚାଲିଛି ଅହରହ ଉଦ୍ୟମ । ସରକାରୀ ଦଳ ପକ୍ଷରୁ ଅସାଧୁ ଉପାୟରେ ନାରୀ ନିର୍ଯାତନା ପ୍ରସଙ୍ଗକୁ ଚପାଇ ଦେବାକୁ ଚାଲିଛି ଉଦ୍ୟମ । ବିଭିନ୍ନ ଉପାୟରେ କଂଗ୍ରେସର ସ୍ୱରକୁ ଚପାଇ ଦେବାକୁ ଯୋଜନା ଚାଲିଥିବା ନେଇ ଅଭିଯୋଗ କରିଛନ୍ତି ଖୋଦ ପିସିସି ସଭାପତି ଭକ୍ତଚରଣ ଦାସ । ହେଲେ ରାଜ୍ୟ ସରକାର ଯେତେ ଚେଷ୍ଟା କଲେ ବି ନାରୀ ନିର୍ଯାତନା ବିରୋଧରେ ଆନ୍ଦୋଳନକୁ ଜାରି ରଖିବ କଂଗ୍ରେସ । ୬୦ ହଜାର ମହିଳା ଓ ଶିଶୁ ନିଖୋଜ ଥିବା ବେଳେ, ଖୋଜୁ ନାହାନ୍ତି ସରକାର । ୧୬୦୧ ଜଣ ନିର୍ଯାତନାର ଶିକାର ହୋଇଥିବା ବେଳେ, ୬୦ ଜଣ ମହିଳାଙ୍କୁ ଗଣ ଦୁଷ୍କର୍ମ କରାଯାଇଛି । କଂଗ୍ରେସ ହାଉସ କମିଟି ଗଠନ କରିବାକୁ ଦାବି କରୁଛି । କିନ୍ତୁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ସରକାର । ଏହା ବିରୋଧରେ କଂଗ୍ରେସ ଆରମ୍ଭ କରିଛି କ୍ୟାଣ୍ଡେଲ ଶୋଭାଯାତ୍ରା । ବିଜେପି ସରକାରରେ ମହିଳା ଅସୁରକ୍ଷିତ ଥିବାରୁ ଗାଁ ଗାଁରେ ଜନ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ଦଳ ।କେବଳ ସେତିକି ନୁହେଁ, ଅନ୍ଦୋଳନକୁ ଭଣ୍ଡୁର କରିବାକୁ ରାଜ୍ୟ ସରକାର ପ୍ରାୟୋଜିତ ଗଣ୍ଡଗୋଳ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ପିସିସି ସଭାପତି । ମିଥ୍ୟା ମାମଲା ରୁଜୁ କରି ଦଳୀୟ ନେତା ଓ କର୍ମୀଙ୍କ ସ୍ୱରକୁ ଚପାଇ ଦେବାକୁ ଚାଲିଛି ପ୍ରୟାସ । ଅନ୍ୟପଟେ କଂଗ୍ରେସର ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିଛି ବିଜେପି ।ନାରୀ ନିର୍ଯାତନା ଓ ମହିଳା ଅସୁରକ୍ଷତି ପ୍ରସଙ୍ଗକୁ ମୁଖ୍ୟ ମୁଦ୍ଦା କରି ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛି କଂଗ୍ରେସ । ପ୍ରଥମଥର ଲାଗି ବିଧାନସଭାରୁ କଂଗ୍ରେସର ୧୪ ଜଣ ବିଧାୟକ ନିଲମ୍ବିତ ହୋଇ ଏ ପ୍ରସଙ୍ଗରେ ଜାରି ରଖିଛନ୍ତି ପ୍ରତିବାଦ ।

# ସୀମା ମୁକୁଳା, ମାଡ଼ି ଆସିଲେଣି ପଡୋଶୀ: ଭାଷଣ ବାଜିରେ ଓଡ଼ିଶା ଦିବସ ସାରିଦେଲେ ସରକାର



ଭୁବନେଶ୍ୱର,୧ ।୪(ପି.ଏନ): ଓଡିଶା ଦିବସରେ ଭାଷା, ସୀମା ସହ ନଦୀର ସୁରକ୍ଷା ସଙ୍କଟକୁ ନେଇ ବିଜେଡିର ଚିନ୍ତା । ବିଜେପି ସରକାରର ଅସ୍ମିତାର ପ୍ରତିଶ୍ରୁତି କିପରି ପ୍ରତାରଣାରେ ପରିଣତ ହୋଇଛି ତାହାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ଦଳ । ପଡ ?ଶୀଙ୍କୁ ଖୁସ କରିବାକୁ ଯାଇ ଓଡିଶାକୁ ଡବଲ ଇଞ୍ଜିନ ସରକାର ଧୋକା ଦେଉଛି ବୋଲି ଅଭିଯୋଗ କରିଛି କଂଗ୍ରେସ ।କୋଟିଆରେ ଆନ୍ଧ୍ରର ମାତ୍ରାଧିକ ପ୍ରବେଶ । ଗୋଟିଏ ପରେ ଗୋଟିଏ ସ୍ଥାନକୁ ନିଜ ଦଖଲରେ ନେବାକୁ ଜାରି ରହିଛି ପ୍ରୟାସ । କେଉଁଠି ସରକାରୀ ସହାୟତା ତ ଆଉ କେଉଁଠି ଜୋର ଜବରଦସ୍ତ ପ୍ରବେଶ । ପୋଲାଭରମ ପ୍ରକଳ୍ପ କାମ ବି ଚାଲିଛି ଦ୍ରୁତ ବେଗରେ । ପ୍ରକଳ୍ପ ଯୋଗୁଁ ଓଡିଶାର ମାଲକାନାଗିରି ମୋଟୁ ଅଞ୍ଚଳ ସହ ବହୁ ଗାଁ ବୁଡିଯିବ । ମହାନଦୀ ଉପରେ ଛତିଶଗଡ ବେଆଇନ ବ୍ୟାରେଜ ନିର୍ମାଣ କରି ପାଣି ଅଟକାଇବା ସହ ଓଡିଶାର ହକରେ ସାଜିଛି ବାଧକ । ବାଲେଶ୍ୱର ସୀମାବର୍ତ୍ତୀ ଅଞ୍ଚଳରେ ପଶ୍ଚିମବଙ୍ଗର ମନମାନି । ସୀମାବର୍ତ୍ତୀ ଜିଲ୍ଲାଗୁଡିକରେ ଓଡିଆ ଭାଷା ସଙ୍କଟ ଦେଖାଦେବା ସହ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ଏତେ ସବୁ ପରେ ଓଡିଆ ଅସ୍ମିତାର ନାରା ଦେଇ ଓଡିଶାକୁ ଶାସନ କରୁଥିବା ବିଜେପି ସରକାର ଚୁପ୍ । ଚୁଲି କି ଯାଇଛି ଅସ୍ମିତାର ପ୍ରତିଶ୍ରୁତି । କେବଳ ଭାଷଣ, ସଭା ସମିତି ଓ ନାମ ପରିବର୍ତ୍ତନରେ ସୀମିତ ରହିଛି ଓଡିଆ ଅସ୍ମିତା । ଯାହାକୁ ନେଇ ଓଡିଶା ଦିବସରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ମୁଖ୍ୟ ବିରୋଧୀ ବିଜେଡି । ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ମୁଦୁଲି କହିଛନ୍ତି, ଏବେ ସମୟ ଆସିଛି ଓଡିଆ ଭାଷା, ଜାତି, ସୀମା ଓ ରାଜ୍ୟ ପାଇଁ ପୁଣି ଥରେ ଏକ ଆନ୍ଦୋଳନ ମୁଣ୍ଡ ଟେକିବା । ବିଜେପିର ଓଡିଆ ଅସ୍ମିତା ପ୍ରତାରଣାରେ ପରିଣତ ହୋଇଛି । ସବୁ କ୍ଷେତ୍ରରେ ଓଡିଆ ଅସ୍ମିତା ସଙ୍କଟକୁ ଚାଲିଯାଇଛି ।ଓଡିଶା ଦିବସରେ ରାଜ୍ୟ ସରକାରଙ୍କୁ ନିଶାନା କରିଛି କଂଗ୍ରେସ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଅଭିଯୋଗ କରିଛନ୍ତି, ଅଖଣ୍ଡ ଓଡିଶା ଆଜି ଖଣ୍ଡ ଖଣ୍ଡ ହେବାରେ ଲାଗିଛି କ୍ଷ ରାଜ୍ୟ ସରକାର ଚୁପ୍ ହୋଇ ବସିଛନ୍ତି କ୍ଷ ବିଜେପି ଶାସନକୁ ଆସିବା ଦିନଠାରୁ ଓଡ଼ିଶା ଅସୁରକ୍ଷିତ ହୋଇପଡ଼ିଛି କ୍ଷ କେଉଁଠି ଟ୍ରିପଲ ଇଞ୍ଜିନ ସରକାର ତ ଆଉ କେଉଁଠି ଡବଲ ଇଞ୍ଜିନ, ହେଲେ ଓଡିଶାର ଦାବିକୁ କରାଯାଉଛି ଅଣଦେଖା । ରାଜ୍ୟ ସ୍ୱାର୍ଥକୁ ବଳି ଦେଇ ରାଜନୈତିକ ସ୍ୱାର୍ଥ ପାଇଁ ପଡ ?ଶୀ ରାଜ୍ୟ ପାଖରେ ଓଡିଶାକୁ ବିଜେପି ସରକାର ବଳି ପକାଇଛି ବୋଲି ଅଭିଯୋଗ କରିଛି କଂଗ୍ରେସ । ସେପଟେ କଂଗ୍ରେସ ଅଭିଯୋଗର ପାଲଟା ଜବାବ ଦେଇଛି ବିଜେପି । ୯ ମାସ ଭିତରେ କେମିତି ଓଡିଆ ଅସ୍ମିତାର ସଙ୍କଟକୁ ଚାଲିଗଲା ବୋଲି ପାଲଟା ପ୍ରଶ୍ନ କରିଛି ଦଳ ।ଓଡିଶା ଦିବସ ପାଳନ ଭିତରେ ଓଡିଆ ଅସ୍ମିତା ସଙ୍କଟ ନେଇ ଉଷ୍ମ ହୋଇଛି ରାଜ୍ୟ ରାଜନୀତି । ରାଜନୀତିରେ ବୁଡିଆଣୀ ଜାଲରେ ଛନ୍ଦି ହୋଇ ପଡିଛି ଓଡିଆ ଅସ୍ମିତା ।

## ବିଜେପି ସରକାର ଆସିବା ପରେ ମାତିଛନ୍ତି ଖଣି ଲୁଟେରା, ଖୋଳ କରି ଦେବେ ମାଟି ତଳ



ଭୁବନେଶ୍ୱର,୧ ।୪(ପି.ଏନ): ରାଜ୍ୟରେ ସରକାର ବଦଳିବା ପରେ ଖଣି ଲୁଟ୍ ବ୍ୟାପକ ହେବାରେ ଲାଗିଛି । ବିଭିନ୍ନ ଅଞ୍ଚଳରେ ମାତିଛନ୍ତି ଖଣି ମାଫିଆ । ରୋକ ଲଗାଇବାକୁ କେହି ନାହାନ୍ତି । ଆସିକା ଓ ଧରାକୋଟ ବ୍ଲକର ବିଭିନ୍ନ ସ୍ଥାନରେ ବେଧଡ଼କ ଚାଲିଛି ପଥର ଲୁଟ୍ । ଏମିତି ଆଉ କିଛିଦିନ ଲାଗି ରହିଲେ, ଏହି ଦୁଇ ଅଞ୍ଚଳରେ ମାଟି ତଳ ଫାଙ୍କା ହୋଇଯିବ ବୋଲି ଅଭିଯୋଗ ହେଉଛି । ପରିବେଶ ପ୍ରଦୂଷଣକୁ ଆଖିଠାର ମାରି, ସମସ୍ତ ପ୍ରକାର ନିୟମକୁ ଖୋଲା ଖୋଲି ଉଲଂଘନ କରାଯାଉଛି । ବିସ୍ଫ ?ାରକ ବ୍ୟବହାର କରି ପାହାଡ଼ ଫୁଟା ଯାଉଛି । ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ହେଲେ ସବୁ ଦେଖି, ସବୁ ଜାଣି ଚୁପ ବସିଛି ମାଇନିଂ ବିଭାଗ ।ଖଣି ମନ୍ତ୍ରୀଙ୍କ ଅଞ୍ଚଳରେ ବେଆଇନ ଭାବେ କୋଟି କୋଟି ଟଙ୍କାର ଲଘୁ ଖଣିଜ ପଦାର୍ଥ ଲୁଟ ହେଉଛି । ପଥର ଓ ମୋରମ ଚୋରି କରି ମାଫିଆ ମାଲାମାଲ ହେଉଥିବା ବେଳେ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର । ହେଲେ ସବୁ ଦେଖି ମାଇନିଂ ବିଭାଗ ହାତ ବାନ୍ଧି ବସିଥିବା ଅଭିଯୋଗ ହେଉଛି ।ବିଶେଷ କରି ଆସିକା ବ୍ଲକ ପାଣ୍ଡିଆ ପଥର ପଞ୍ଚାୟତର ସୁନାପଲ୍ଲୀ ନିକଟରେ ଥିବା ପାହାଡ଼ରୁ ଦୀର୍ଘ ଦିନ ଧରି ପଥର ଲୁଟ ହେଉଛି । ସ୍ଥାନୀୟ ଲୋକଙ୍କୁ ଭୟ ଦେଖାଇ ମାଫିଆ ରାଜ କରୁଛନ୍ତି । କୁଆଁରୀ ଲିଜର ସବୁ ନିୟମକୁ ଉଲ୍ଲଂଘନ କରି ପଥର ବ୍ଲାଷ୍ଟିଂ କରି ରାଜ୍ୟ ବାହାରକୁ ଖଣିଜ ସମ୍ପଦ ପଠାଉଛନ୍ତି । ଏପରିକି ଏଠାରେ କାମ କରୁଥିବା ଶ୍ରମିକ ଅନେକ ସମୟରେ ପ୍ରାଣ ହରାଉଥିବା ବି ଅଭିଯୋଗ ହେଉଛି । ଏସବୁ ପରେ ବି ସ୍ଥାନୀୟ ପ୍ରଶାସନ ଓ ମାଇନିଂ ବିଭାଗର ନୀରବତାକୁ ନେଇ ପ୍ରଶ୍ନ ଉଠିବାରେ ଲାଗିଛି । କେବଳ ସୁନାପଲ୍ଲୀ ନୁହେଁ ଆସିକା ଓ ଧରାକୋଟ ଅଞ୍ଚଳରେ ବହୁ ସ୍ଥାନରେ ଏପରିକି ଥାନା ଓ ତହସିଲ ନିକଟରେ ମଧ୍ୟ ଦିନ ଦ୍ୱିପ୍ରହରେ କୁଆଁରୀ ଲିଜ ନିୟମକୁ ଉଲ୍ଲଂଘନ କରି ପଥର ବାଷ୍ଟିଂ କରାଯାଉଛି । ହେଲେ ନିଦ୍ରାବିଷ୍ଟ ସାଜିଛି ମାଇନିଂ ବିଭାଗ । ପଥର ଚୋରା ଚାଲାଣ ଉପରେ ରୋକ ଲଗାଇବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ମେଡିକାଲ ଭିତରକୁ ଅନୁମତି ମିଳିଲାନି, ବାହାରେ ଶିଶୁକନ୍ୟା ଜନ୍ମ ଦେଲେ ୧୪ ବର୍ଷର ନାବାଳିକା




କନ୍ଧମାଳ,୧ ।୪(ପି.ଏନ): ବ୍ରାହ୍ମଣୀଗାଁରୁ ଆସିଛି ଲଜ୍ୟା ଜନକ ଖବର । ଯାହା ରାଜ୍ୟର ଆଇନ ଶୃଙ୍ଖଳା ସହ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପଦାରେ ପକାଇଛି । ଜଣେ ୧୪ ବର୍ଷର ନାବାଳିକାଙ୍କୁ ମେଡିକାଲରେ ପ୍ରସବ କରିବାକୁ ମିଳିନି ଅନୁମତି । ଫଳରେ ମେଡିକାଲ ପରିସର ବାହାରେ ନାବାଳିକା ଜଣଙ୍କ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି । ଏମିତି ଅଭିଯୋଗ ବ୍ରାହ୍ମଣୀଗାଁ ମେଡିକାଲ ବିରୋଧରେ ହୋଇଛି । ଯାହା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାର ନଗ୍ନଚିତ୍ରକୁ ପଦାରେ ପକାଉଛି । ସୂଚନାଯୋଗ୍ୟ, ଆଜି ନାବାଳିକାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ବ୍ରାହ୍ମଣୀଗାଁ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ମେଡିକାଲ ଭିତରେ ପ୍ରସବ କରାଇ ନଥିଲେ କି ପ୍ରସବ ପାଇଁ ଅନୁମତି ଦେଇ ନଥିଲେ । ଏମିତି ସ୍ଥିତିରେ ମେଡିକାଲ ପରିସର ବାହାରେ ନାବାଳିକା ଜଣଙ୍କ ବିପଦଜ୍ଜନକ ଭାବେ ଶିଶୁକୁ ଜନ୍ମ ଦେଇଥିବା ଅଭିଯୋଗ ହୋଇଛି । ଡାକ୍ତରଙ୍କ ଏଭଳି ଅମାନବୀୟ କାର୍ଯ୍ୟକୁ ନେଇ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ପୂର୍ବରୁ ନାବାଳିକା ଜଣକ ଗର୍ଭବତୀ ଥିବା ଜାଣିବା ପରେ ଅଙ୍ଗନବାଡି ଓ ଆଶା ଦିଦି ସିଡିପିଓଙ୍କୁ ଜଣାଇଥିଲେ । ଏହାପରେ ସିଡିପିଓ ବ୍ରାହ୍ମଣୀଗାଁ ଥାନା ପୋଲିସକୁ ଜଣାଇଥିଲେ । ବ୍ରାହ୍ମଣୀଗାଁ ପୋଲିସ ନାବାଳିକାଙ୍କ ସହ ଶାରିରୀକ ସମ୍ପର୍କ ଅଭିଯୋଗରେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଯୁବକଙ୍କୁ କୋର୍ଟ ଚାଲାଣ ପରେ ଗର୍ଭବତୀ ନାବାଳିକାଙ୍କୁ ବାଲିଗୁଡା ବନବାସୀ ଆଶ୍ରମରେ ରଖାଯାଇଥିଲା । କିଛିଦିନ ହେବ ପରିବାର ଲୋକେ ନାବାଳିକାଙ୍କୁ ଘରକୁ ଆଣିଥିଲେ ।

## ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ଶୁଭାରମ୍ଭ, ମାଣ୍ଡିଆ ଲଡୁ ବାଣ୍ଟିଲେ ଗଣ ଶିକ୍ଷା ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର



ଭୁବନେଶ୍ୱର,୧ ।୪(ପି.ଏନ): ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ଶୁଭାରମ୍ଭ କରାଯାଇଛି । ପୋଷଣ ଯୁକ୍ତ ମାଣ୍ଡିଆ ଲଡୁ ବାଣ୍ଟି ଶୁଭାରମ୍ଭ କଲେ ଗଣ ଶିକ୍ଷା ମନ୍ତ୍ରୀ ।ଉମରକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ପିଲାଙ୍କୁ ଲଡୁ ବାଣ୍ଟିଲେ। ମାଣ୍ଡିଆ ଲଡୁ ଖାଇଲେ ଛାତ୍ରଛାତ୍ରୀ । ପ୍ରତି ସପ୍ତାହରେ ୩ ଦିନ ଲଡୁ ଖାଇବେ ଛାତ୍ରଛାତ୍ରୀ । ସପ୍ତାହର ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ ଏହି ଲଡୁ ପ୍ରଦାନ କରାଯିବ ।ଅନ୍ୟପଟେ ନବମ ଓ ଦଶମ ପିଲାଙ୍କ ମଧ୍ୟାହ୍ନ ଭୋଜନର ମଧ ଶୁଭାରମ୍ଭ କଲେ । ରାଜ୍ୟର ୧୦ ଲକ୍ଷ ୮୦ ହଜାର ପିଲା ଉପକୃତ ହେବେ କହିଲେ ଗଣଶିକ୍ଷା ମନ୍ତ୍ରୀ । ଶିଶୁ ବାଟିକାରୁ ଦଶମ ପର୍ଯ୍ୟନ୍ତ ମାଣ୍ଡିଆ ଲଡୁ ପ୍ରଦାନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି ।

# 'ମା' ହେବେ କ୍ୟାଟ୍ରିନା !



ଅଭିନେତା ବିକ୍କି କୌଶଲ ଆଜିକାଲି ଫିଲ୍ମ ବ୍ୟାଡ୍ ନ୍ୟୁଜର ପ୍ରମୋସନରେ ବ୍ୟସ୍ତ ରହୁଛନ୍ତି । ନିକଟରେ ତାଙ୍କୁ ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚାଂଟଙ୍କ ବିବାହରେ ଦେଖିବାକୁ ମିଳିଥିଲା । ଏହି ସମୟରେ ସେ ପତ୍ନୀ କ୍ୟାଟ୍ରିନା କୈଫଙ୍କ ସହ ନଜର ଆସିଥିଲେ । ଏହି ବିବାହରେ କ୍ୟାଟ୍ରିନା କୈଫ ନାଲି ରଙ୍ଗର ଶାଢ଼ିରେ ନଜର ଆସିଥିଲେ । କ୍ୟାଟ୍ରିନାଙ୍କ ଉପସ୍ଥିତି ପୁଣି ଥରେ ତାଙ୍କ ଗର୍ଭଧାରଣକୁ ନେଇ ଗୁଜବ ଆରମ୍ଭ କରିଥିଲା । ଏବେ ବ୍ୟାଡ୍ ନ୍ୟୁଜ୍ ର ପ୍ରମୋସନ ସମୟରେ ବିକ୍କି ଏହି ଗୁଜବ ଉପରେ ପ୍ରତିକ୍ରିୟା ରଖିଛନ୍ତି । ଯେତେବେଳେ ବିକ୍କିଙ୍କୁ ପଚରାଯାଇଥିଲା କ୍ୟାଟ୍ରିନାଙ୍କ ଜନ୍ମଦିନ ପାଇଁ ଯୋଜନା କ'ଣ ? ତେଣୁ ଏହାର ଜବାବରେ ସେ କହିଥିଲେ, ଧନ୍ୟବାଦ ! କ୍ୟାଟ୍ରିନାଙ୍କ ଜନ୍ମଦିନ ବହୁତ ଖାସ୍ । ଯୋଜନା ହେଉଛି ଆମେ ଏକାଠି ସମୟ ବିତାଇବୁ । କାରଣ ପ୍ରମୋସନ ଦୀର୍ଘ ଦିନ ଧରି ଚାଲିଛି ଏବଂ କ୍ୟାଟ୍ରିନା ମଧ୍ୟ ଯାତ୍ରା କରୁଛନ୍ତି । ଏବଂ ଯେତେବେଳେ ଆପଣ ଯେଉଁ ଖୁସି ଖବର ବିଷୟରେ କହିଥିଲେ ତାହା ଆସିବ, ଆମେ ଏହାକୁ ସମସ୍ତଙ୍କ ସହ ସେୟାର କରି ବହୁତ ଖୁସି ହେବୁ । ସେପର୍ଯ୍ୟନ୍ତ ଏଥିରେ କୌଣସି ସତ୍ୟତା ନାହିଁ ଏବଂ ଏହା କେବଳ କଳ୍ପନାଜଳ୍ପନା । 'ୱାର୍କଫ୍ରଂଟ ବିଷୟରେ କହିବାକୁ ଗଲେ ଫିଲ୍ମ ବ୍ୟାଡ୍ ନ୍ୟୁଜରେ ନଜର ଆସିବେ ବିକ୍କି କୌଶଲ । ଏହି ଫିଲ୍ମ ଜୁଲାଇ ୧୯ରେ ରିଲିଜ ହେବ । ଫିଲ୍ମର ଟ୍ରେଲରପ୍ରଶଂସକଙ୍କୁ ପସନ୍ଦ ଆସିଥିବା ବେଳେ ଗୀତଗୁଡ଼ିକୁ ମଧ୍ୟ ଭଲ ରେସପନ୍ସ ମିଳୁଛି । ଭିକିଙ୍କ ଗୀତ 'ତୌବା ତୌବା'ରେ ତାଙ୍କ ଡ୍ୟାନ୍ସ ମୁଭ୍ ଭାଇରାଲ ହୋଇଥିଲା ।

# '୯ ବର୍ଷ ବୟସରେ ଯୌନଶୋଷଣ ହୋଇଥିଲା'



ବିଶାଳ ଆଦିତ୍ୟ ସିଂ ଟେଲିଭିଜନ ଦୁନିଆର ସୁପରଷ୍ଟାର । ଏହି ଅଭିନେତା ଜଣକ 'ଚନ୍ଦ୍ରକାନ୍ତା', 'ବେଗୁସରାୟ', 'କୁଲ୍ଫି କୁମାର', 'ବିଗବସ – ୧୩' ତଥା 'ନଚ ବଲିଏ ୯' ଭଳି ଶୋ' ରେ ନଜର ଆସି ଘରେ ଘରେ ପରିଚିତ । ବିଶାଳ ସେହି ସମୟରେ ବେଶୀ ଲୋକପ୍ରିୟ ହୋଇଗଲେ, ଯେବେ ବିଗବସରେ ମଧୁରିମା ତୁଲୀଙ୍କ ସହ ତାଙ୍କର ଝଗଡା ଶୀର୍ଷରେ ପହଂଚି ଥିଲା । ଅଭିନେତା ଜଣକ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ ରୁହନ୍ତି । ନିକଟରେ ବିଶାଳ ପିଲାଦିନରେ ନିଜ ସହ ହୋଇଥିବା ଯୌନଶୋଷଣକୁ ନେଇ ବୟାନ ଦେଇଛନ୍ତି । ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ତାଙ୍କ ସହିତ ଯୌନଶୋଷଣ ହୋଇଥିଲା । ପାରସ ଛାବଡାଙ୍କ ଏକ ଶୋ' ରେ ଏହି ବିଷୟରେ ମତ ରଖିଛନ୍ତି ବିଶାଳ । ତାଙ୍କର ଜଣେ ଚାଚା ତାଙ୍କୁ ବାଇକ ଚଲାଇବା ଶିଖାଇବାକୁ କହି ତାଙ୍କ ସହ ଏହି କଳାକାରନାମା କରିଥିଲେ । ବିଶାଳ ବାପାଙ୍କୁ ଏହି କଥା କହିବାରୁ ବାପା ତାଙ୍କ ଉପରେ ରାଗି ତାଙ୍କୁ ମାଡ ମଧ୍ୟ ମାରିଥିଲେ । ମୁମ୍ବାଇ ଆସିବା ପରେ ସେ ଜାଣିଲେ ଯେ ତାଙ୍କ ସହ ଯାହା ହୋଇଥିଲା ତାହା ବାସ୍ତବରେ ଖରାପ ହିଁ ଥିଲା । ପରେ ସେ ତାଙ୍କ ଚାଚାଙ୍କୁ କହିଥିଲେ ଯେ ଯାହା ସେ ତାଙ୍କ ସହ କରିଛନ୍ତି, ସେହି ସମାନ କାମ ଯଦି ସେ ତାଙ୍କ ପିଲାଙ୍କ ସହ କରିବେ ତେବେ !

# ବୟସ୍କଙ୍କଠୁ ବେଶୀ ହସନ୍ତି ଶିଶୁ

ଜଣେ ଛୋଟ ଛୁଆର ହସ ମଣିଷର ଅଧା ଅସୁବିଧା ଦୂର କରି ଦିଏ । ବୟସ୍କ ମଧ୍ୟ ତା ହସରେ ଆହ୍ଲାଦିତ ହୋଇ ଉଠେ । ଦୁଃଖୀ ମନକୁ ପ୍ରଫୁଲ୍ଲିତ କରେ ଛୋଟ ଛୁଆର ହସଟିକକ । ସେଥିପାଇଁ ତ ସମସ୍ତେ ପସନ୍ଦ କରନ୍ତି କୁନି କୁନି ଶିଶୁଙ୍କୁ ଓ ତାହାର କୋମଳ ହୃଦୟକୁ । ତାଙ୍କର ହସରେ ଥାଏ ଭିନ୍ନ ଏକ ଆକର୍ଷଣ, ଯାହାର କଳନା ସକାଳୁ ଫୁଟିଥିବା ସତେଜ ଫୁଲର ମହକ ଭଳି ହୋଇଥାଏ । ଛୋଟଛୁଆ ହେଉ ବା ବୟସ୍କଙ୍କ ହସ ହେଉଛି ତାଙ୍କର ଖୁସିର ପ୍ରତୀକ । ଯାହା କୌଣସି ଟଙ୍କାରେ ନ ଥାଏ, ଥାଏ ମଣିଷର ମନରେ । ଚେହେରାରୁ ଜଣକର ମନର ଭାବନା ମଧ୍ୟ ଜାଣି ହୁଏ । କାରଣ ଦୁଃଖ ସମୟରେ ମଣିଷର ମନ କିଛି ଭିନ୍ନତା ପ୍ରତିପାଦନ କରେ ଓ ଖୁସିରେ କିଛି ଭିନ୍ନ ଥାଏ । ମାତ୍ର ବୟସ ବଢିବା ସହ ମଣିଷର ହସର ଭାବାତ୍ମକ ପରିବର୍ତ୍ତନ ମଧ୍ୟ ହୁଏ । ଉଭୟ ଛୋଟ ଛୁଆ ଓ ବୟସ୍କଙ୍କ ହସରେ କିଛି ଭିନ୍ନତା ମଧ୍ୟ ପରିଲକ୍ଷିତ ହୁଏ । କୁହାଯାଏ, ବଡ ଲୋକଙ୍କ ଅପେକ୍ଷା ଛୋଟ ଛୁଆମାନେ ଅଧିକ ସମୟ ହସି ପାରନ୍ତି । କାରଣ ବୟସ୍କଙ୍କ ହସ କିଛି ସମୟ ପରେ ବଦଳିଯାଏ । ମାତ୍ର ଛୋଟ ଛୁଆଙ୍କଠାରେ ସେମିତି ହୋଇ ନ ଥାଏ । ଏହାପଛର କାରଣ ହେଉଛି ଛୋଟ ଛୁଆମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ ଭାବରେ ବାନ୍ଧି ହୋଇ ରହି ପାରନ୍ତି । ତାଙ୍କ ପାଖରେ ସେହି ସମାନ ସମୟରେ ଅନ୍ୟ କିଛି ଭାବିବାର ଆବଶ୍ୟକତା ନ ଥାଏ । ଯାହା ବୟସ୍କଙ୍କଠାରେ ଦେଖାଯାଏ ।

# ୪ ମାସ ପରେ ସେଟ୍‌ରେ ଆଲିଆ



ଦୀର୍ଘ ଦିନର ପ୍ରତୀକ୍ଷାର ଅବସାନ ଘଟିଛି । ଶେଷରେ 'ଆଲ୍‌ଫା' ସିନେମା ପାଇଁ ସୁଟିଂ ଆରମ୍ଭ କରିଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ । ଜାଣିବାକୁ ମିଳିଛି ଯେ ଆଲିଆ ତାଙ୍କର ଏହି ଚରିତ୍ର ପାଇଁ ନିଜକୁ ଦୀର୍ଘ ୪ ମାସ ଧରି ପ୍ରସ୍ତୁତ କରୁଥିଲେ । ଏହାର ସଂକ୍ଷିପ୍ତ ଟିଜରରେ ଆଲିଆଙ୍କର ଏକ ସଂଳାପ ରହିଛି । ଯେଉଁଥିରେ ତାଙ୍କୁ "ସବୁ ସହର ଗୋଟିଏ ଜଙ୍ଗଲ୍ ଭଳି । କେବଳ ଜଣେ ଜଙ୍ଗଲ୍ ଉପରେ ରାଜ୍ କରିବ..ସେ ହେଉଛି ଆଲ୍‌ଫା' କହୁଥିବାର ଶୁଣିବାକୁ ମିଳୁଛି । ଆଲିଆଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହୋଇ ଚାଲିଛି । ଉକ୍ତ ଫଟୋରେ ଆଲିଆ ଏକ ଧଳା ସାର୍ଟ ଏବଂ ନୀଳ ପ୍ୟାଂଟ ପିନ୍ଧିଛନ୍ତି । ଏହା ସହିତ ତାଙ୍କ ନାମ ଛପା ଯାଇଥିବା ଏକ ଛତାକୁ ଜଣେ ବ୍ୟକ୍ତି ତାଙ୍କ ମୁଣ୍ଡ ଉପରେ ଧରିଥିବାର ବି ଦେଖିବାକୁ ମିଳିଛି । ଏହି ଫଟୋଟି ସେ ସୁଟିଂ ସେଟ୍‌କୁ ଯାଉଥିବା ବେଳର ବୋଲି ସୂଚନା ରହିଛି । ତେବେ ସୁଟିଂ ସେଟ୍‌ରୁ ଯେପରି କୌଣସି ଫଟୋ ପ୍ରଘଟ ନହୁଏ ସେଥିପାଇଁ ନିର୍ମାତା ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି । ଆଲିଆ ଚଳିତ ମାସ ପ୍ରଥମ ସପ୍ତାହରେ 'ଆଲ୍‌ଫା' ଫିଲ୍ମ ପାଇଁ ସୁଟିଂ କାର୍ଯ୍ୟ ଆରମ୍ଭ କରିଛନ୍ତି । ଫିଲ୍ମରେ ତାଙ୍କର ପାଂଚରୁ ଛଅଟି ପ୍ରମୁଖ ଆକ୍ସନ୍ ସିନ୍ ରହିଛି ।



# ୫୦ କୋଟି କ୍ଲବରେ ସାମିଲ ହେଲା 'ଇଣ୍ଡିଆନ -୨'

ସିନେମା ହଲରେ ବର୍ତ୍ତମାନ ସାଉଥ ସହିତ ଲଢେଇ ହେଉଛି ବଲିଉଡର । ସାଉଥ ସୁପରଷ୍ଟାର କମଲ ହସନଙ୍କ ସହ ଲଢୁଛନ୍ତି ବଲିଉଡ ଖିଲାଡି ଅକ୍ଷୟ କୁମାର । ମୁହାମୁହିଁ ହେଉଛନ୍ତି 'ଇଣ୍ଡିଆନ-୨' ଓ 'ସରଫିରା' । କମଲ କଲ୍କି '୨୮୯୮ ଏଡି' ପାଇଁ ଚର୍ଚ୍ଚାରେ ଥିବାବେଳେ ଅକ୍ଷୟ କୁମାର ଗତ କିଛି ବର୍ଷ ହେବ ବକ୍ସ ଅଫିସରେ ହିଟ ପାଇଁ ଅପେକ୍ଷାରତ । 'ଇଣ୍ଡିଆନ -୨' ସିନେମାଘରରେ ଧୁମ ମଚାଉଛି । ଫିଲ୍ମ ବକ୍ସ ଅଫିସରେ ୨୫.୬ କୋଟି ରୋଜଗାର କରି ଖାତା ଖୋଲିଛି । ଦ୍ୱିତୀୟ ଦିନରେ ଏହି ସିନେମା ୧୮.୨ କୋଟି କଲେକ୍ସନ କରିଛି । ତୃତୀୟ ଦିନରେ ସିନେମାଟି ପ୍ରାୟ ୭.୪୧ କୋଟି ଆୟ କରିଛି । ତିନି ଦିନରେ 'ଇଣ୍ଡିଆନ-୨' ପ୍ରାୟ ୫୧.୨୧ କୋଟି ଆୟ କରି ସାରିଛି । ସେହିଭଳି 'ସରଫିରା' ୨.୫ କୋଟିରେ ନିଜର ଓପନିଂ କରିଛି । ଦ୍ୱିତୀୟ ଦିନରେ ଏହି ସିନେମା ମାତ୍ର ୪.୨୫ କୋଟି ଆୟ କରିଛି । ସେହିଭଳି ତୃତୀୟ ଦିନରେ ସିନେମାଟି ୨.୬୩ କୋଟି ରୋଜଗାର କରି ପାରିଛି । ତିନି ଦିନରେ ମାତ୍ର ୯.୩୮ କୋଟି ଟଙ୍କା ରୋଜଗାର କରିଛି ଖିଲାଡି କୁମାରଙ୍କ 'ସରଫିରା' । ଯାହା କମଲଙ୍କ ସାମ୍ନାରେ ଫିକା ପଡି ଯାଇଛି ।




## ପଲସଖଣ୍ଡ ଗାଁରେ କୁଚିଆମଦ
# କୋଠି ବନ୍ଦ କରିବା ପାଇଁ ଥାନାର ଦ୍ୱାରସ୍ତ ହେଲେ ମହିଳାମାନେ

ବଙ୍ଗୋମୁଣ୍ଡା,(ପି.ଏନ) : ବଲାଙ୍ଗୀର ଜ଼ିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଥାନା ଅନ୍ତର୍ଗତ ଭୁସଲାର୍ଡ ପଞ୍ଚାୟତ ପଲସଖଣ୍ଡ ଗାଁରେ ଦିନକୁ ଦିନ କୁଚିଆ ମଦ କୋଠି ହେଉଥିବା ଦେଖି। ମଦ ବିକ୍ରି ବନ୍ଦ କରିବା ପାଇଁ ସିନ୍ଧେକେଲା ଥାନା ର ଦ୍ୱାରସ୍ତ ହେଲେ ସ୍ୱୟଂ ସହାୟକ ମାଁ ମହିଳା ଗୋଷ୍ଠୀ ଓ ସ୍ଥାନୀୟ ସରପଞ୍ଚ ପ୍ରତେକ ସହର ଠୁଆରମ୍ଭ କରି ଗାଁ ଗଣ୍ଡା ମାନଙ୍କ ରେ ଦିନକୁ ଦିନ ମଦ ର ଆସର ଜମୁଥିବା ବେଳେ ନଶା ପାଇଁ ଆକୃଷ୍ଟ ହେଉଛନ୍ତି ଯୁବପିଢ଼ି ଏବଂ ନଶାକ୍ତ ଅବସ୍ଥା ରେ ଘଟାଇ ଚାଲିଛନ୍ତି କେତେକ ଘଟଣା, ଲୁଟ ପାଟ ଭଳି ସଂଗୀନ ଅପରାଧ ପ୍ରତ୍ୟେକ ପଡ଼ା ଗଳି କନ୍ଦି ମୁଖ୍ୟ ରାସ୍ତା ମାନଙ୍କ ରେ ମଦ ବିକ୍ରି ହେଉଥିବା ବେଳେ କହାକୁ ଖାତିର କରୁନାହାନ୍ତି କୁଚିଆ ମଦ ବିକ୍ରେତା ଓ ମଦ୍ୟପି ମାନେ ଗାଁ ରେ ଥିବା ପ୍ରାଥମିକ




ବିଦ୍ୟାଳୟ କୁ ପ୍ରତ୍ୟେକ ଦିନ ଛାତ୍ର ଛାତ୍ରୀ ମାନେ ଅଧ୍ୟୟନ କରିବା ପାଇଁ ଆସୁଛନ୍ତି ମୁଖ୍ୟ ରାସ୍ତା ରେ ମଦ ପିଇ ଖରାପ ଭାଷାରେ ଗାଳି ଗୋଲଜ ଦୁର୍ବ୍ୟବହାର କରୁଥିବା ବେଳେ ଛାତ୍ର ଛାତ୍ରୀ ତଥା ଗାଁ ର ମହିଳା ମାନେ ଅସୁରକ୍ଷିତ ମଣୁଛନ୍ତି ମଦ ପିଇ ଅନେକ ଲୋକଙ୍କ ଜୀବନ ହରାଉଥିବା ବେଳେ ସୁଖ ର ସଂସାରଉଜୁଡି ଯାଇ ଦୁଃଖ କଷ୍ଟ ରେ ବିଧବା ମାଁ ମହିଳା ମାନଙ୍କ ରପରିବା ଚାଲିବାକୁପଡୁଛି। ତେବେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ପାଉଥିବା ବେଳେ ଗାଁ ଗାଁ ରେ ମଦ କୋଠିରବୃଦ୍ଧି ହେଉଥିବା ଯୋଗୁଁ ଲଗାମ ଲାଗି ପାରୁ ନାହିଁ ମଦ୍ୟପି ମାନଙ୍କ ଉପରେ ତୁରନ୍ତ ମଦ ବିକ୍ରି ବନ୍ଦ କରିବା ପାଇଁ ସିନ୍ଧେକେଲା ଥାନା ର ଦ୍ୱାରସ୍ତ ହୋଇଛନ୍ତି ଗାଁ ର ସ୍ୱଂୟ ସହାୟକ ଗୋଷ୍ଠୀ ର ମହିଳା ଓ ସ୍ଥାନୀୟ ସରପଞ୍ଚ ଦୀପକ ଛୁରା,ୱାର୍ଡ ମେମ୍ବର ମନଧର ବେହେରା ଦେବକୀ ବେହେରା,ଘରମଣୀ ଭୋଇ, ରଶ୍ମିତା ରଣା,ରଞ୍ଜିତା ବେହେରା, ଦୀପାଞ୍ଜଳି ବେହେରା, ସୁଷମା ବେହେରା, ପୁଷ୍ପାଞ୍ଜଳି ପୁଟେଲ,ଧରିତ୍ରୀ ବେହେରା, ଗୀତା ବେହେରା,କବିତା ବେହେରା ସହିତ ୫୦ ରୁ ଉର୍ଦ୍ଧ ମହିଳା ମାନେ ଥାନାର ଦ୍ୱାରସ୍ତ ହୋଇ ସିନ୍ଧେକେଲା ଥାନା ଏସ ଆ ହେମକାନ୍ତି ଛାତ୍ରିଆ ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ ଯଦି ଆଗାମୀ ଦିନରେ ଗାଁ ରେ ମଦ ବନ୍ଦ ନହେଲେ ରାଜରାସ୍ତା ରେ ଆନ୍ଦୋଳନ ସାଙ୍ଗକୁ ଥାନା ଘେରାଉ କରିବା ପାଇଁ ଚେତାବନି ଦେଇଛନ୍ତି ସ୍ୱୟଂ ସହାୟକମହିଳା ଗୋଷ୍ଠୀ ।

# ଶ୍ରୀ ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ

କୁଜଙ୍ଗ,(ପି.ଏନ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ରେ ଅବସ୍ଥିତ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଶ୍ରୀ ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି ।ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା କ୍ରୀଡ଼ା ପତାକା ଉତ୍ତୋଳନ ଓ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ ।ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହି ବିଦ୍ୟାଳୟକୁ ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟରେ ପରିଣତ କରାଯିବ,ଏଥିପାଇଁ ରାଜ୍ୟ ସରକାର,ଗ୍ରାମ ପଞ୍ଚାୟତ ଓ କଳ କାରଖାନାର ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ବିପୁଳ ଅର୍ଥ ପ୍ରଦାନ



କରାଯାଇଛି ବୋଲି ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ଅଭିଭାବକ କମିଟିର ସଭାପତି ଶ୍ରୀଯୁକ୍ତ ଜୀବନ ଧନ ବେହେରା,ସିଆରସିସି ସମୀର କୁମାର ଓଝା,ପ୍ରଭାତ ନଳିନୀ ବେହେରା ଯୋଗଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମତୀ ମିନାର୍ଭ ସ୍ୱାଇଁ,କୁନି ଦିଦି,ମିନାକ୍ଷୀ ପଣ୍ଡା,ବିଜୟ ଲକ୍ଷ୍ମୀ ସ୍ୱାଇଁ,ଦିପିକା ସୋରେନ,ବିଷ୍ଣୁ ପ୍ରିୟା ସ୍ୱାଇଁ,ପ୍ରଶାନ୍ତ ସାହୁ,ସମ୍ପଦ ମୁଦୁଲି,ସାଗରିକ ସ୍ୱାଇଁ ପ୍ରମୁଖ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଇତିଶ୍ରୀ ସାହୁ ସଭାପତିତ୍ୱ କରିଥିଲେ ଓ କ୍ରୀଡ଼ା ଶିକ୍ଷକ ଶ୍ରୀଯୁକ୍ତ ରମାକାନ୍ତ ଖଣ୍ଡୁଆଳ ଧନ୍ୟବାଦ ପ୍ରଦାନ କରିଥିଲେ ।ଏହି କ୍ରୀଡ଼ା ପ୍ରତିଯୋଗିତା ତିନି ଦିନ ବ୍ୟାପି ଚାଲିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ

# ପାରାଦ୍ୱୀପ ଗଡ଼ ପଞ୍ଚାୟତରେ ଭତ୍ତା ପ୍ରଦାନ

କୁଜଙ୍ଗ, (ପି.ଏନ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତରେ ଆଜି ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ୮୦ବର୍ଷୀୟ ବୃଦ୍ଧ ବୃଦ୍ଧା ମାନଙ୍କୁ ୩ହଜାର ୫ଶହ ଲେଖାଏଁ ଭତ୍ତା ପ୍ରଦାନ କରିଛନ୍ତି ।ତେବେ ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତ ଏକ ବୃହତ୍ ପଞ୍ଚାୟତ ହୋଇଥିବାରୁ ୮୦ବର୍ଷରୁ ଉର୍ଦ୍ଧ୍ୱ ଭତ୍ତା ହିତାଧୀକାରୀ ଓ ୮୦%ରୁ ଉର୍ଦ୍ଧ ୧୦୬ ଜଣ ଭିନ୍ନକ୍ଷମଙ୍କୁ ମାସିକ ୩ହଜାର ୫ଶହ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି ।ରାଜ୍ୟ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ଆଜି ପୂରଣ କରିଛନ୍ତି ।ଏଥିପାଇଁ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ପଞ୍ଚାୟତ ବାସୀଙ୍କ ତରଫରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି ।ଉକ୍ତ ସ୍ୱତନ୍ତ୍ର ଉତ୍ସବରେ ଅନ୍ୟ



ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବି ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହକ୍ଷରଥା,ପ୍ରଭାତ ସାହୁ, ନାୟବ ସରପଞ୍ଚ ପ୍ରକାଶ ସାହୁ, ୱାର୍ଡ ସଭ୍ୟ, ସଭ୍ୟା ସୁଧାଂଶୁ ସାହୁ, କଳ୍ପନା ଖଟୁଆ, ଲିଲି ଗୋଛାୟତ, ରେବତୀ ସ୍ୱାଇଁ,ଶକୁନ୍ତଳା ସ୍ୱାଇଁ, ସୁରେନ୍ଦ୍ର ସେଠୀ, ନିରଞ୍ଜନ ମଲ୍ଲିକ, ନଳିନୀ ସାହୁ, ଗୋଲାପି ସାମଲ, ମିନାକ୍ଷୀ ନାୟକ,ପ୍ରମିଳା ବାରିକ, ସୀମା ରାଉତ,ସନାତନ ମାଝି, ମଞ୍ଜୁଲତା ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମସଙ୍ଗ ଭାରତରେ ସାମସଙ୍ଗ ହେଲ୍‌ଥ ଆପ୍ ମାଧ୍ୟମରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ରେକର୍ଡ଼ ବୈଶିଷ୍ଟ୍ୟ ଉପସ୍ଥାପନ କରିଅଛି

ଭୁବନେଶ୍ୱର,(ପି.ଏନ): ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ସାମସଙ୍ଗ ଘୋଷଣା କରିଛି ଯେ, ବ୍ୟବହାରକାରୀମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟକୁ ଅଧିକ ବିସ୍ତୃତ ଭାବରେ ପରିଚାଳନା କରିବାରେ ସାହାଯ୍ୟ କରିବା ପାଇଁ ଏହା ସାମସଙ୍ଗ ହେଲଥ ଆପ୍‌ରେ ସ୍ୱାସ୍ଥ୍ୟ ରେକର୍ଡ଼ ବୈଶିଷ୍ଟ୍ୟକୁ ଯୋଡ଼ିଛି। ସ୍ୱାସ୍ଥ୍ୟ ରେକର୍ଡ଼ ବୈଶିଷ୍ଟ୍ୟ ବ୍ୟବହାରକାରୀମାନଙ୍କୁ ସେମାନଙ୍କର ଆୟୁଷ୍ମାନ ଭାରତ ହେଲଥ ଆକାଉଂଟ (ଏବିଏଚ୍‌ଏ)କୁ ସିଧାସଳଖ ଭାବରେ ସାମସଙ୍ଗ ହେଲଥ୍ ମୋବାଇଲ ଆପ୍ ଜରିଆରେ ପ୍ରସ୍ତୁତି ତଥା ଗ୍ରହଣ କରିବାରେ ସକ୍ଷମ କରିଥାଏ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ରେକର୍ଡ଼ ଗୁଡ଼ିକର ଦାୟିତ୍ୱ ଗ୍ରହଣ କରିବାର ପଦ୍ଧତିକୁ ପରିବର୍ତନ କରିବା ପାଇଁ ବ୍ୟବହାରକାରୀମାନେ ବର୍ତମାନ ବିନା ବାଧାରେ ସମଗ୍ର ଭାରତରେ ସ୍ୱାସ୍ଥ୍ୟ ସେବା ନିମନ୍ତେ ପ୍ରସ୍ତୁତ ହୋଇଥିବା ସେମାନଙ୍କର ସ୍ୱାସ୍ଥ୍ୟ ଜନିତ ତଥ୍ୟକୁ ପରିଚାଳନା କରିପାରିବେ।

ସାମସଙ୍ଗ ଦ୍ୱାରା କରାଯାଇଥିବା ଏହି ନୂତନ ପଦକ୍ଷେପ ଯାହାକି ବ୍ୟବହାରକାରୀମାନଙ୍କୁ ନିରବଚ୍ଛିନ୍ନ ବାଧା ବିହିନ ସୁରକ୍ଷିତ ଭାବରେ ସଶକ୍ତ କରିଥାଏ ସମନ୍ୱିତ ଭାବରେ ଦେଶର ଡ଼ିଜିଟାଲ ସ୍ୱାସ୍ଥ୍ୟ ଇକୋସିଷ୍ଟମ ସହିତ ଭାରତ ସରକାରଙ୍କ ଆୟୁଷ୍ମାନ ଭାରତ ଡ଼ିଜିଟାଲ ମିଶନ (ଏବିଡ଼ିଏମ) ପ୍ରକଳ୍ପର ଏକ ମିଳିତ ପ୍ରୟାସ। "ଗ୍ରାହକ ମାନଙ୍କ ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ସାମସଙ୍ଗ ଏହାର ବିଭିନ୍ନ ସାମଗ୍ରୀ ତଥା ସେବାକୁ ଦୈନନ୍ଦିନ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବୃଦ୍ଧି କରିବାରେ ଲାଗିଛି। ସାମସଙ୍ଗ ହେଲଥ ଆପ୍ ସହିତ ସ୍ୱାସ୍ଥ୍ୟ ରେକର୍ଡ଼ ବୈଶିଷ୍ଟ୍ୟର ଉପସ୍ଥାପନ ସମଗ୍ର ଭାରତ ବର୍ଷ ପାଇଁ ଆମର ଉତ୍ସର୍ଗୀକୃତ ସମର୍ପଣ ଭାବକୁ ସୂଚିତ କରିବା ସହିତ ଡ଼ିଜିଟାଲ ସ୍ୱାସ୍ଥ୍ୟ ରେକର୍ଡ଼କୁ ଅତି ସହଜ ଭାବରେ ଗ୍ରହଣ, ଡ଼ାକ୍ତର ତଥା ସହାୟକ ମାନଙ୍କୁ ସୁରକ୍ଷିତ ଭାବରେ ଏହି ତଥ୍ୟ କୌଣସି ସମୟରେ ପ୍ରଦାନ କରିବାରେ ସକ୍ଷମ ରହିଛି। ସ୍ୱାସ୍ଥ୍ୟ ରେକର୍ଡ଼ର ଏହି ବୈଶିଷ୍ଟ୍ୟ ବ୍ୟବହାରକାରୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ଯେଉଁ ସବୁ ଦିଗରେ ସଶକ୍ତ କରିପାରିଛି ତାହା ମଧ୍ୟରେ ରହିଛି ସେମାନଙ୍କ ସ୍ୱାସ୍ଥ୍ୟ ଇତିହାସର ପରିଚାଳନା, ଏହାର ବିକାଶକୁ ଧରି ରଖିବା ତଥା ସେମାନଙ୍କର ନିରାମୟ ସ୍ୱାସ୍ଥ୍ୟ ଜୀବନକୁ ଅତି ସୁନ୍ଦର ଭାବରେ ପରିଚାଳିତ କରିପାରିବ" ଏଭଳି ମତବ୍ୟକ୍ତ କରିଛନ୍ତି କ୍ୟୁନଗୁନ ରୁ ପରିଚାଳନା ନିର୍ଦ୍ଦେଶକ, ସାମସଙ୍ଗ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ନଏଡ଼ା। ସ୍ୱାସ୍ଥ୍ୟ ରେକର୍ଡ଼ ବୈଶିଷ୍ଟ୍ୟ, ସାମସଙ୍ଗ ଇକାକେୟାରରେ ଥିବା ଆରଏଣ୍ଡଡ଼ି, ୟୁଏକ୍ସ ଡ଼ିଜାଇନ ଏବଂ କଞ୍ଜ୍ୟୁମର ଅଭିଜ୍ଞତା ଦଳର ମିଳିତ ପ୍ରୟାସର ଫଳାଫଳ ଅଟେ ଯାହାକି ଭାରତରେ ଏକ ଅଗ୍ରଣୀ ଏବିଡ଼ିଏମ-ସ୍ୱୀକୃତିପ୍ରାପ୍ତ ସହଯୋଗୀ ଅଟେ। ଏହି ବୈଶିଷ୍ଟ୍ୟକୁ ନେଇ ବ୍ୟବହାରକାରୀମାନେ ସେମାନଙ୍କର ଆଧାର କିମ୍ବା ମୋବାଇଲ ଫୋନ ଦ୍ୱାରା ସାମସଙ୍ଗ ହେଲଥ ଆପ ମାଧ୍ୟମରେ ଏବିଏଚ୍‌ଏ ଆକାଉଂଟ ପାଇଁ ପଞ୍ଜିକରଣ କରିପାରିବ। ଥରେ ପଞ୍ଜିକୃତ ହେବା ପରେ ବ୍ୟବହାରକାରୀମାନେ ସେମାନଙ୍କର ଚିକିତ୍ସା ସମ୍ପର୍କିତ ଇତିହାସ ଯଥା- ପ୍ରେସକ୍ରିପସନ, ପରୀକ୍ଷାଗାରର ଫଳାଫଳ ତଥା ଡ଼ାକ୍ତରଖାନା ପରିଦର୍ଶନ ଇତ୍ୟାଦିକୁ ଅତି ସୁରକ୍ଷିତ ଭାବରେ ସଂଯୋଗୀକରଣ ହୋଇଥିବା ସେମାନଙ୍କର ସ୍ୱତନ୍ତ୍ର ଏବିଏଚ୍‌ଏ ଆଇଡ଼ିରୁ ଦେଖିପାରିବେ।

"ଇକାକେୟାରରେ ଆମେ ଅତି ଉତ୍ସୁକତାର ସହିତ ସାମସଙ୍ଗର ଏହି ସହଭାଗୀତାକୁ ଚାହିଁ ରହିଛୁ ଯାହାକି ଭାରତରେ ଏବିଡ଼ିଏମ ଗ୍ରହଣକୁ ଅତି ଉଲ୍ଲେଖନୀୟ ଭାବରେ ତ୍ୱରାନ୍ୱିତ କରିପାରିବ।

# କ୍ରିଷ୍ଣା ଏବଂ ମୋହନଙ୍କ ନେତୃତ୍ୱ ରେ ଜନ ସଚେତନତା କଳା ପରିବେଷଣ ଅତ୍ୟନ୍ତ ଚମତ୍କାର



ଟିକାବାଲି,(ପି.ଏନ) : କନ୍ଧମାଳ ଜ଼ିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଯୁକ୍ତ ଅକ୍ଷୟ କୁମାର ସେଠି ଓ ଉଜ୍ୱଳ କୁମାର ସାହୁଙ୍କ ତରଫରୁ ଚକାପାଦ ବ୍ଲକର ୧୦ ଗୋଟି ଗ୍ରାମ ପଂଚାୟତ ଅଞ୍ଚଳ ଯଥା ନାରୀଙ୍ଗୀଝୁଲା, ପସରା, ଚକାପାଦ, ନନ୍ଦିନୀ, ଶଙ୍କରାଖୋଲ, ଏଲ. ବପଲ ମେଣ୍ଡି, ଲୁଜରା ମୁଣ୍ଡା, ବସ୍ତିଙ୍ଗିଆ, ଗୁରୁସାହି, ଏହିପରି ଗ୍ରାମରେ ସ୍ୱମନିତ ଶିଶୁ ବିକାଶ ଅଧିକାରିଣୀ ଶ୍ରୀ ମତୀ ସୁଧାରାଣୀ ପ୍ରଧାନ ଙ୍କ ଆୟୋଜନ କ୍ରମେ ଏବଂ ସୁପର ଭାଇଜର ଶ୍ରୀ ମତୀ ଶ୍ରୀକାନ୍ତି ମଲିକ, ଲଳିତା ବେହେରା, କଳ୍ପନା ବେହେରା, କୁମୁଦିନୀ ଦେଈ ଙ୍କ ସହଯୋଗରେ ବନବାସି କଳା ସାଂସ୍କୃତିକ ବିକାଶ ପରିଷଦ, ର କଳାକାର ମୋହନ ମୁରଲୀ ଦଣ୍ଡିଆ, କ୍ରିଷ୍ଣା ଚନ୍ଦ୍ର ଦିଗାଳ, ସୁଜତା ମଲିକ, ମୋହନି ପ୍ରଧାନ, ଆକାଶ ଦିଗାଳ, ସମ୍ପଦ କୁମାର ଦିଗାଳ, ମିନାକ୍ଷୀ ମଲିକ, ପଦ୍ମିନୀ ପ୍ରଧାନ, ବୀରେନ୍ଦ୍ର କହଁର ପରି ପ୍ରମୁଖ କଳାକାର ଙ୍କ ଦ୍ୱରା ଅତି ସୁନ୍ଦର ଏବଂ ପ୍ରାଞ୍ଜଳ ଭାବରେ ଆଞ୍ଚଳିକଭାଷା ଓ ଢାଞ୍ଚା ରେ ଶିଶୁ ସୁରକ୍ଷା, ବାଲ୍ୟ ବିବାହ ଓ ଦାଦନ ବିଷୟବସ୍ତୁ ଉପରେ ଲୋକନୃତ୍ୟ ଏବଂ ଅଭିନୟ ମାଧମରେ ଉପସ୍ଥିତ ଜନସାଧାରଣ ଙ୍କୁ ସଚେତନ କରିଥିବା ଦେଖିବାକୁ ମିଳିଛି ଯାହାକି ମାନବ ଜାତି ପାଇଁ ଅତ୍ୟନ୍ତ ଉପଯୋଗୀ ଏବଂ ମଙ୍ଗଳମୟ ଥିଲାଥିବା ଜଣାପଡିଛି

# ୧୭ ତମ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା

ଫିରିଙ୍ଗିଆ, (ପି.ଏନ) : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ବରେବାଟା ଖେଳ ପଡିଆରେ ୧୭ ତମ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଛି କ୍ଷ ଉଦଘାଟନୀ କ୍ରୀଡାରେ ମୁଖ୍ୟ ଅତିଥି ଭାବରେ ଫିରିଙ୍ଗିଆ ପଞ୍ଚାୟତ ମହାବିଦ୍ୟାଳୟ ଅଧାପକ ଶୁକଦେବ ମୁଖି, ବରିଷ୍ଠ ଫୁଟବଲ ଖେଳାଳି ବାଳକୃଷ୍ଣ ଜୁଣ୍ଡି, ସୁଶୀଳ କହଁର, ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି, ସାମ୍ବାଦିକ ସୁବ୍ରତ ମହାନ୍ତି, ମନୋଜ କୁମାର ସାହୁ, ଯୋଗ ଦେଇଥିଲେ କ୍ଷ ଏହି ଚକାଡୋଳା କ୍ଲବ ବରେବାଟା ଆନୁକୂଲ୍ୟରେ ଅନୁଷ୍ଠିତ ୧୭ ତମ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଦୀର୍ଘ ୧୭ ବର୍ଷ ଧରି ଚାଲୁରହିଥିବା ବେଳେ ଚଳିତ ବର୍ଷ ଜାନୁଆରୀ ୧୫ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ଜାନୁଆରୀ ୨୬ ତାରିଖ ଏହି ଖେଳ ସମାପ୍ତ ହେବ ବୋଲି ଚକାଡୋଳା କ୍ଲବ ର ସଭାପତି ଘାସିରାମ କହଁର ଙ୍କ ଠାରୁ ସୂଚନା ମିଳିଛି କ୍ଷ ଚଳିତ ଟୁର୍ନାମେଣ୍ଟ ରେ ଫିରିଙ୍ଗିଆ ବ୍ଲକ ଫୁଲବାଣୀ ବ୍ଲକ ରୁ ବଛା ବଛା ୩୨ ଟି ଫୁଟବଲ କ୍ଲବ ଅଂଶ ଗ୍ରହଣ କରିବାର ବ୍ୟବସ୍ଥା ରହିଛି କ୍ଷ ଆଜି ୩ ଟି ଖେଳ ରହିଥିବା ବେଳେ ଡାଗାର ପଦର ଫୁଟବଲ କ୍ଲବ ସହ ମାଲା ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଖେଳ ଗଞ୍ଜୁଖୋଲ ଟିମ ସହ କପାବୃଡି ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ସେହିପରି ଉଭୟ ଖେଳ ର ବିଜେତା ଙ୍କ ମଧ୍ୟରେ ତୃତୀୟ ଖେଳ



ଅନୁଷ୍ଠିତ ହୋଇଥିଲା କ୍ଷ ପ୍ରଥମ ଖେଳ ରେ ଡାଗାର ପଦର ବିଜୟୀ ହୋଇଥିଲା ସେହିଭଳି ଦ୍ୱିତୀୟ ଖେଳ ରେ ଗଞ୍ଜୁଖୋଲ ବିଜୟୀ ହୋଇଥିଲାସମସ୍ତ ଖେଳକୁ ପ୍ରଫୁଲ୍ଲ କହଁର, ଗୋପୀନାଥ କହଁର ଓ ସଦାନନ୍ଦ କହଁର ପରିଚାଳନା କରିଥିଲେ କ୍ଷ ଖେଳରେ ଚକାଡୋଳା କ୍ଲବ ର ସଭାପତି ଘାସିରାମ କହଁର ଙ୍କ ସହ ସମ୍ପାଦକ ପ୍ରଦୀପ କହଁର, କ୍ଲବ ପରିଚାଳକ ପୀତବାସ କହଁର, କିନେଶ୍ୱର କହଁର, ପ୍ରମୋଦ କହଁର, ଶ୍ରୀମନ୍ତ କହଁର, ଲୋଚନ କହଁର, ଗୋବିନ୍ଦ କହଁର ଙ୍କ ସହ କ୍ଲବ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ତାତିଲେ ଚାଷୀ କିଶନନଗର ଧାନ ମଣ୍ଡିରେ ମିଲର ମୁଣ୍ଡ ବ୍ୟଥା



କିଶନନଗର,(ପି.ଏନ): କଟକ ସଦର ଅନ୍ତର୍ଗତ କିଶନନଗର କୃଷି ସେବା ସମବାୟ ସମିତି ଧାନ ମଣ୍ଡିରେ ଅଭାବନୀୟ ପରିସ୍ଥିତି । କଟନି ଛଟନି ଓ ମିଲରଙ୍କ ମନମାନି ଯୋଗୁଁ ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ଏମିତିକି ଏଫ୍ ଏ କ୍ୟୁ ମାନ ଯନ୍ତ୍ରକୁ ଉତ୍ୟକ୍ତ ଚାଷୀ ଫେରାଇ ଦେଇଥିଲେ। ବିନା କଟନି ଛଟନିରେ ମିଲର ଧାନ ନେବା ପାଇଁ ଅଡି ବସିଥିଲେ ଚାଷୀ। କିଶନନଗର ହାଟ ପଡ଼ିଆରେ ଦୁଇ ଦିନ ଧରି ଶହ ଶହ ଧାନ ବସ୍ତା ଓ ଚାଷୀ ଖରା କାକରରେ ପଡ଼ି ରହିଥିବାବେଳେ ମିଲର କୁଇଣ୍ଟାଲ୍ ପ୍ରତି ୬ କେଜି କାଟିବା ପାଇଁ ଜିଦ୍ ଧରିବାରୁ ଚାଷୀମାନେ ବିରୋଧ କରିଥିଲେ। ଉତ୍ୟକ୍ତ ଚାଷୀଙ୍କ ଦାବିକୁ ସମାଧାନ କରିବା ପାଇଁ ଘଟଣା ସ୍ଥଳରେ କିଶନନଗର ତହସିଲଦାର କ୍ଷିରୋଦ ଚନ୍ଦ୍ର ଦାସ ପହଞ୍ଚିଥିଲେ।

# କୁକୁଡ଼ା ହାଟକୁ ନେଇ ଦୁଇ ଗୋଷ୍ଠୀ ବିବାଦ

ଆନନ୍ଦପୁର,(ପି.ଏନ): ବାଲିବରେଇ ପଞ୍ଚାୟତର ଖଣିବଜାର ସୀମାରୁ କୁକୁଡ଼ାହାଟ ବନ୍ଦ ହେଲାବେଳେ ଢେଙ୍କାଗ୍ରାମପଞ୍ଚାୟତ ବୀଣା ପଟିଆ ସୀମାରେ କୁକୁଡ଼ା ହାଟ କିପରି ଚାଲୁଛି ।କିଛି ଦିନ ତଳେ ଖଣି ବଜାର ସୀମାରେ କୁକୁଡ଼ା ଲଢେଇ ଚାଲୁଥିଲା ।କୁକୁଡ଼ା ଲଢେଇ ରୁ ବିବାଦ ସୃଷ୍ଟି ହୋଇ ଥିଲା ଏନେଇ ସୋସ ପୋଲିସ କୁକୁଡ଼ା ହାଟଟିକୁ ବନ୍ଦ କରି ଦିଆଗଲା ।ସୋସ ପୋଲିସ କମିଟି କୁ ନିର୍ଦ୍ଦେଶ ଦେଇ ଛନ୍ତି। ଅନ୍ୟ କିଛି ସଂସ୍କୃତିକ କାଯ୍ୟକ୍ରମ କରାଯିବ କିନ୍ତୁ କୁକୁଡ଼ା ହାଟ ବନ୍ଦ ରହିବ ।ସୋଷପୋଲିସଙ୍କ କଥା ଅନୁଯାଇ ଖଣି ବଜାର କମିଟି କୁକୁଡ଼ା ହାଟ ଟି ବନ୍ଦ କରି ରଖି ଛନ୍ତି ।ଢେଙ୍କାସୀମା ରେ ବୀଣା ପଟିଆ କମିଟି ନିର୍ଭୟରେ କୁକୁଡ଼ା ଟି ଚଳାଇ ଛନ୍ତି ।ଏହାକୁ ନେଇ ଖଣିବଜାର କମିଟି ର ସଦସ୍ୟ ସୋଷ ପୋଲିସଙ୍କୁ ଜଣାଇଲେ ମଧ୍ୟ କୁକୁଡ଼ା ହାଟ ବନ୍ଦ ହେଉନାହିଁ ।ଏହା କୁ ନେଇ ଖଣିବଜାରକମିଟି ଆଦିବାସୀ ଙ୍କ ପରମ୍ପରାର ପର୍ବକୁ ଭଙ୍ଗ କରୁ ଛନ୍ତି ସୋସ ପୋଲିସ ।ସାଧାରଣରେ ଚର୍ଚ୍ଚା କୁକୁଡ଼ା ହାଟ ବନ୍ଦ କରାଯାଉ ।



# ବ୍ଲକରେ ୩୦୨ ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ



ବୋରିଗୁମ୍ମା,(ପି.ଏନ): ରାଜ୍ୟ ସରକାରଙ୍କ ଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି ।ରାଜ୍ୟ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି କୁ ପାଳନ କରିଛନ୍ତି ।ନିର୍ବାଚନ ସମୟରେ ଯାହାର ବୟସ ୮୦ ରୁ ଉର୍ଦ୍ଧ୍ୱ ସେହି ମାନଙ୍କୁ ଭତ୍ତା ବାବଦ କୁ ୩୫୦୦ ଟଙ୍କା ପ୍ରଦାନ କରିବେ ବୋଲି ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିଲେ ।ଏହି କ୍ରମରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ରେ ୩୦୨ ଜଣ ହିତାଧିକାରୀ ଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପ୍ରଦାନ କରାଯାଇଛି ବୋଲି ବିଏସଏସଓ ଚନ୍ଦ୍ରିକା କାଣ୍ଡେଙ୍ଗଲସୂଚନା ଦେଇଛନ୍ତି ।ସେଥି ମଧ୍ୟରୁ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ହିତାଧିକାରୀ ୨୬୨ ଜଣ ରହିଥିବା ବେଳେ ଶତକଡା ୮୦ ରୁ ଉର୍ଦ୍ଧ୍ୱ ବିକଳାଙ୍ଗ ୪୦ ଜଣ ରହିଛନ୍ତି।

# ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା

ପୁରୁଷୋତମପୁର,(ପି.ଏନ) : ଏଡିଏମ୍ ଶରତ ଚନ୍ଦ୍ର ଦାସ, ବିଡିଓ- ଖିତିଶ ବେହେରା, ବ୍ଲକ୍ ଅଧକ୍ଷା - ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ, ସୁବ୍ରତ କୁମାର ବାରିକ, ସମସ୍ତ ଜେଇ ସମସ୍ତ ପିଇଓ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଧିକାରୀ ମାନେ ଉପସ୍ଥିତ। ୫ମ ଅର୍ଥ କମିଶନର ଅନୁଦାନ, ପଞ୍ଚ ଦଶ ଅର୍ଥ କେନ୍ଦ୍ରୀୟ



ଅନୁଦାନ,ପାନୀୟ ଜଳ ପରିମଳ, ଗ୍ରାମୀଣ ଗୃହ ନିର୍ମାଣ, ପ୍ରାଣୀ ସମ୍ପଦ ଗୃହ କାର୍ଯ୍ୟ, ସ୍ୱାସ୍ଥ୍ୟ ବିଭାଗ, ମହିଳା ଶିଶୁ ବିକାଶ, କାର୍ଯ୍ୟ ଉପରେ ସମୀକ୍ଷା କଲେ ଏଡିଏମ୍ ଶରତ ଚନ୍ଦ୍ର ଦାସ।




# ରାଜ୍ୟ ସରକାର ହିଂସା ଓ ଉପଦ୍ରବକାରୀଙ୍କୁ ପ୍ରୋତ୍ସାହିତ କରିବା ପରିବର୍ତ୍ତେ ଦୃଢ଼ ହସ୍ତରେ ଦମନ କରିବାକୁ ରାଜ୍ୟ କଂଗ୍ରେସର ଦାବି



ଭୁବନେଶ୍ୱର (ପିଏନ୍)-ଏକ ଅଭାବନୀୟ ଘଟଣାକ୍ରମରେ ସମଗ୍ର ରାଜ୍ୟକୁ ଲଜ୍ଜିତ କଲାଭଳି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କର ସାଧାରଣ ଜନତାଙ୍କ ଉପରେ ଗାଡ଼ି ଚଢ଼ାଇ ମାରିବାକୁ ଉଦ୍ୟମ କରିବା ଘଟଣାକୁ ପ୍ରଦେଶ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ମୁଖପାତ୍ର ପ୍ରଶାନ୍ତ ଶତପଥି ଓ ପଦ୍ମାକର ଗୁରୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି । ସାଧାରଣ ଜନତାଙ୍କୁ ନିଜେ ମଦ୍ୟପାନ କରି ଅତି ଅମାନୁଷିକ ଭାବେ ଗାଡ଼ି ଚଢ଼ାଇ ୭ଜଣ ପୋଲିସ କର୍ମଚାରୀଙ୍କ ସହିତ ୧୫ରୁ ଅଧିକ ନିରୀହ ଜନତାଙ୍କୁ ଗମ୍ଭିର ଭାବେ ଆହତ କରିବା ଘଟଣା ଓଡ଼ିଶାର ରାଜନୈତିକ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଆଜି ଚିଲିକା ନିର୍ବାଚନ ମଣ୍ଡଳୀ ବାଣପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଶାଂିପୂର୍ଣ୍ଣ ଉପାୟରେ ଚାଲିଥିଲା ବେଳେ ବିଧାୟକ ସେଠାରେ ପହଂଚି ଅତ୍ୟ‘ ଅମାନୁଷିକ ଭାବେ ଜୋରଜବରଦସ୍ତ ବ୍ଲକ ଅଫିସ ଭିତରକୁ ନିଜର ଏସ୍ୟୁଭି କାର ସହିତ ଧସେଇ ପସିବା ପାଇଁ ଉଦ୍ୟମ କରି ଉପସ୍ଥିତ ସାଧାରଣ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ ଯାହା ଫଳରେ ୨୨ ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଏଭଳି ଘୃଣ୍ୟ କାର୍ଯ୍ୟକୁ ଶ୍ରୀଯୁକ୍ତ ଶତପଥି କଡ଼ା ନିନ୍ଦା କରିବା ସହିତ କହିଥିଲେ ଯେ ଚିଲିକା ନିର୍ବାଚନ ମଣ୍ଡଳୀ ବାସୀ ଏଭଳି ବ୍ୟକ୍ତିଙ୍କୁ ନିଜର ପ୍ରତିନିଧି ଭାବରେ ନିର୍ବାଚିତ କରି ବିଧାନସଭାକୁ ପଠାଇଥିବାରୁ ଆଜି ନିଶ୍ଚୟ ଲଜ୍ଜିତ ଅନୁଭବ କରୁଥିବେ। ବିର ସ୍ୱାଧୀନତା ସଂଗ୍ରାମୀ କୃତିବାସ ପାଟ୍ଟଶାହାଣୀ ଓ ପଣ୍ଡିତ ଶ୍ରୀ ଗୋଦାବରିଶ ମିଶ୍ରଙ୍କ ଜନ୍ମ ମାଟିରେ ଏଭଳି ଘୃଣ୍ୟ, ନିନ୍ଦନୀୟ ଓ ଅମାନବିୟ ଘଟଣା ଖାଲି ଓଡ଼ିଶା ନୁହେଁ ସମଗ୍ର ଦେଶକୁ ସ୍ତବ୍ଧ କରିଛି। କେଉଁ ଅଦୃଶ୍ୟ ଶକ୍ତିର ବଳରେ ବଳିଆନ ହୋଇ ବିଧାୟକ ଜଗଦେବ ଲଗାତର ଭାବରେ ତାଙ୍କର ଗୁଣ୍ଡାଗିରୀ ବିଭିନ୍ନ ସମୟରେ ଏକାଧିକବାର କରିଚାଲିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କୁ ତୁର‘ ଦଳରୁ ବହିଷ୍କାର କରିବା ସହିତ ତାଙ୍କର ବିଧାୟକ ପଦକୁ ରଦ୍ଦ କରିବାପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିବାପାଇଁ କଂଗ୍ରେସ ଦାବି କରିଛି। ମୁଖପାତ୍ର ଶ୍ରୀ ପଦ୍ମାକର ଗୁରୁ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ତୁର‘ ବିଧାୟକ ଜଗଦେବଙ୍କୁ ଏନଏସ୍‌ଏରେ ଗିରଫ କରିବା ସହିତ ବିଜେଡ଼ିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରିବେକି ? ପଂଚାୟତ ନିର୍ବାଚନ ସମୟରେ ଯେଉଁ ହିଂସାର ବାତାବରଣ ସମଗ୍ର ଓଡ଼ିଶାବାସୀ ଦେଖିଥିଲେ ସମାନ କଥା ପୁର୍ନବାର ଆଜି ବ୍ଲକ ଅଧକ୍ଷ ନିର୍ବାଚନ ସମୟରେ ଦେଖିବାକୁ ମିଳିଲା ଏବଂ ଆଶଙ୍କା କରାଯାଉଛି କି ମୁନିସ୍‌ପାଲଟି ନିର୍ବାଚନରେ ମଧ ଏଭଳି ହିଂସା ସଂଗଠିତ ହୋଇପାରେ। ରାଜ୍ୟ ନିର୍ବାଚନ କମିଶନ ଏବଂ ପୋଲିସ ଡିଜି ଅନ୍ଧ ଧୃତରାଷ୍ଟ୍ରଭଳି ବ୍ୟବହାର ନକରି ଅପରାଧିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେ ଦାବି କରିଥିଲେ। ଦୀର୍ଘ ୨୨ ବର୍ଷର ଶାସନ ବ୍ୟବସ୍ଥା ଭିତରେ ରାଜନୀତିରେ ଅପରାଧିକରଣକୁ ପ୍ରୋତ୍ସାହିତ କରିବା ଓ ଅପାରଧିକ ତତ୍ୱଙ୍କ ଉପରେ କଡ଼ାକାର୍ଯ୍ୟାନୁଷ୍ଠାନ ନନେବା ଯୋଗୁଁ ଆଜି ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ୨୦୧୯ ସାଧାରଣ ନିର୍ବାଚନ ସମୟରେ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକଙ୍କ ଉପରେ ଘସିପୁରା ବିଧାୟକଙ୍କ ପୁଅ ଏବଂ ତାଙ୍କ ସମର୍ଥକ ମାନଙ୍କର ମରଣା‘କ ଆକ୍ରମଣ ଉପରେ ମୁଖ୍ୟମନ୍ତ୍ରୀ ମୌନବ୍ରତ ଧାରଣ କରିଥିଲେ। ବର୍ତ୍ତମାନ ଚିଲିକା ବିଧାୟକଙ୍କ ଅମାନୁଷିକ କାର୍ଯ୍ୟକଳାପକୁ ନେଇ ମୁଖ୍ୟମନ୍ତ୍ରୀ ନିରବ ରହିବା ରାଜ୍ୟବାସୀଙ୍କୁ ବିସ୍ମିତ କରୁଛି। ଆମର ଦାବି ତୁର‘ ଏଭଳି ଅପରାଧିକ ମାନସିକତାର ବ୍ୟକ୍ତିବିଶେଷଙ୍କ ଉପରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇ ସାଧାରଣରେ ଦୃଷ୍ଟା‘ମୂଳକ ଉଦାହରଣ ସୃଷ୍ଟି କରାଯାଉ।

## ପାରାଦୀପ ଇଫକୋ ୟୁନିଟ୍ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ପାରାଦୀପ (ପିଏନ୍)-ପାରାଦୀପସ୍ଥିତ ରାଷ୍ଟ୍ରାୟତ ଉଦ୍ୟୋଗ ତଥା ବୃହତ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପକ୍ଷରୁ ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଫକୋର ପ୍ଲାଣ୍ଟ ହେଲ୍‌ଥର ଉପଦେଷ୍ଟା କେ.ଏଲ୍.ସିଂ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ୍‌ର ବରିଷ୍ଠ ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ୍ ଯୋଗ ଦେଇଥିଲେ । କର୍ମଚାରୀ, ଶ୍ରମିକ ଏବଂ ଅଧିକାରୀମାନେ କାର୍ଯ୍ୟସ୍ଥଳରେ ସୁରକ୍ଷିତ ଭାବେ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଇଫକୋ ପାରାଦୀପ ୟୁନିଟ୍ ସର୍ବଦା ଦୁର୍ଘଟଣାମୁକ୍ତ ପ୍ଲାଣ୍ଟ ଭାବେ ନିଜର ପରାକାଷ୍ଠା ପ୍ରତିପାଦିତ କରି ଆସିଛି । ଏହି ଧାରାକୁ ବର୍ଷତମାମ ବଜାୟ ରଖିବାକୁ ଅତିଥିମାନେ ନିବେଦନ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ । ଇଫକୋର ବରିଷ୍ଠ ଅଧିକାରୀ, ଇଫକୋ କର୍ମଚାରୀ ସଂଘର ସଭାପତି, ସମ୍ପାଦକ, ଇଫକୋ ଅଫିସର୍ସ ସଂଘର କର୍ମକର୍ତ୍ତାମାନେ ଏହି ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଥିଲେ । ଶେଷରେ ଇଫକୋର ଉତ୍ପାଦନ, ସୁରକ୍ଷା ଓ ପରିବେଶ ବିଭାଗର ସାଧାରଣ ପ୍ରବନ୍ଧକ ଆର.କେ. ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିବା ନେଇ ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

# ଅବ୍ୟକ୍ତ ଅଭିମନ୍ୟୁ

କାଳର କରାଳ ଗର୍ଭରେ ସିଂହାସନ, ସୌନ୍ଦର୍ଯ୍ୟ, ସମ୍ପତ୍ତି ଆଦି ସବୁ ଲୀନ ହୋଇଯାଇଥାଏ। ମାତ୍ର ଶୌର୍ଯ୍ୟ, ସହନଶୀଳତା ଓ ସୁଗୁଣର ପ୍ରତ୍ୟେକଟି ପାଖୁଡ଼ା କାଳଚକ୍ରରୁ ବାହାରି ଆସି ଅଧିକରୁ ଅଧିକ ପ୍ରସ୍ଫୁଟିତ ହୋଇଥାଏ। ମହାଭାରତରେ ଅଭିମନ୍ୟୁ ଚରିତ୍ର ସମ୍ପର୍କରେ ଆମେ ସଭିଏ ଜାଣୁ। କଳିଯୁଗରେ ଅଭିମନ୍ୟୁ ନାମଧାରୀ କିଛି ଆଦର୍ଶ ବ୍ୟକ୍ତିତ୍ୱ ସରଳ ଓ ନିରାଡମ୍ବର ଜୀବନ ଯାପନ ନିର୍ବାହନ କରିବା ସହ ଏ ସମାଜ ପାଇଁ ଛାଡିଦେଇ ଯାଇଛନ୍ତି ‘ସମସ୍ତ ଲୋକାଃ ସୁଖୀନଃ ଭବନ୍ତୁ’ ମନ୍ତ୍ରର ଅନେକ ଉଦାହରଣ। ମହାଭାରତରେ ଅଭିମନ୍ୟୁ ଚରିତ୍ରକୁ ନିଜ ଜୀବନ ଚକ୍ରରେ ସଠିକ ରୂପେ ନାମ ଓ ଗୁଣର ସମନ୍ୱୟକୁ ସମତୁଲ କରି ଅନ୍ୟାୟ ଏବଂ ଦୁର୍ନୀତି ବିରୁଦ୍ଧରେ ପ୍ରଚଣ୍ଡ ସ୍ୱର ଉତ୍ତୋଳନ କରିବା ସହ ଆଜିର ତଥାକଥିତ କୌରବ ପକ୍ଷମାନଙ୍କୁ ମଧ କେବେବି ଭ୍ରୁକ୍ଷେପ ନକରି ନିଜର ସୁଖ,ଶାନ୍ତିକୁ ତିଳତିଳ କରି ଦଗ୍ଧ କରିଛନ୍ତି।

ଏମିତି ଜଣେ ମହାନାୟକ ହେଉଛନ୍ତି ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ତିହିଡ ବ୍ଲକର ଅଭିମନ୍ୟୁ ନାୟକ। ୪୦ ଦଶକର ପ୍ରାରମ୍ଭରେ ଓଡ଼ିଶାର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିବିଶେ କେଉଁ ସ୍ଥିତିରେ ଥିଲା ତାହା ସମସ୍ତଙ୍କୁ ଊଣା ଅଧିକେ ଜଣା। ବ୍ରିଟିଶ ସରକାରଙ୍କ ଦମନଲୀଳା ସାଙ୍ଗକୁ ଜମିଦାର ଓ କିଛି ରାଜାମାନଙ୍କର ଅତ୍ୟାଚାର ମାନବିକତାର ସବୁ ଲକ୍ଷ୍ମଣରେଖାକୁ ଡେଇଁ ସାରିଥିଲା। ଭଦ୍ରକର ଭେଡା ରୂପରେ ପରିଚିତ ପୀରହାଟ ଅଞ୍ଚଳରେ ଏକ ଆଦର୍ଶ ପରିବାରରେ ଜନ୍ମଗ୍ରହଣ କରିଥିଲେ ଅଭିମନ୍ୟୁ ନାୟକ। ପିତା ପାଣ୍ଡବ ଓ ମାତା ହଂସମଣୀ ଦେବୀଙ୍କ ଔରସରୁ ୧୯୪୧ ମସିହା ଫେବୃଆରୀ ମାସ ୨୨ ତାରିଖରେ ଅଭିମନ୍ୟୁଙ୍କ ଜନ୍ମ। ଅଭିମନ୍ୟୁଙ୍କ ଜନ୍ମ ପୂର୍ବରୁ ପାଣ୍ଡବ ଓ ହଂସମଣୀ ଦେବୀଙ୍କ ଔରସରୁ ଯାତ ୩ଟି ଶିଶୁ ହଇଜା ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୋଇ ଇହଲୀଳା ସମ୍ବରଣ କରିସାରିଥିଲେ। ତିନି ତିନିଟି ଶିଶୁଙ୍କୁ ପର୍ଯ୍ୟାୟକ୍ରମେ ହରାଇବା ପରେ ପାଣ୍ଡବ ଓ ହଂସମଣୀ ଆଉ ଜନକଜନନୀ ନହେବା ପାଇଁ ଏକ ପ୍ରକାର କାୟିକ ଓ ମାନସିକ ପ୍ରତିଜ୍ଞାବଦ୍ଧ ମଧ ହୋଇସାରିଥିଲେ। ତେବେ ଏହି ସମୟରେ ଠାକୁର ଅଭିରାମ ପରମହଂସଙ୍କ କେତେକ ଶିଷ୍ୟ ଅର୍ଜ୍ଜୁନବିନ୍ଧାର ତତ୍‌କାଳୀନ ଜମିଦାରଙ୍କ ଆତିଥ୍ୟ ଗ୍ରହଣ କରିବା ସମୟରେ ପାଣ୍ଡବ ଓ ହଂସମଣୀଙ୍କ ସହ ସେମାନଙ୍କ ସାକ୍ଷାତ ହୁଏ। ସନ୍ତାନହରା ମ୍ରିୟମାଣ ଦମ୍ପତିଙ୍କୁ ଅଭିରାମ ପରମହଂସଙ୍କ ଜନୈକ ଶିଷ୍ୟ ଦର୍ଶନ ମାତ୍ରେ ସବୁ ଜାଣିଲା ପରି ପରମ ଆଶ୍ୱାସନା ଦେଇଥିଲେ ଏବଂ ଅଭିରାମଙ୍କ ଆଶୀର୍ବାଦରୁ ନିଶ୍ଚିତ ପୁତ୍ର ସନ୍ତାନ ଜାତ ହେବ ବୋଲି ପାଣ୍ଡବ ଓ ହଂସମଣୀଙ୍କୁ ଆଶୀର୍ବାଦ ଦେଇ ଚାଲିଯାଇଥିଲେ। ଏହାର ଠିକ୍ ବର୍ଷକ ପରେ ନିରାଶା ଓ ତମସାଚ୍ଛନ ଆକାଶରେ କୁଆଁତାରା ଅବିର୍ଭାବ ଭଳି ୧୯୪୧ ମସିହାରେ ପାଣ୍ଡବ ଓ ହଂସମଣୀ ଦେବୀଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜାତ ହୋଇଥିଲେ। ଅଭିରାମ ପରମହଂସଙ୍କ ଆଶୀର୍ବାଦ ଓ ହଂସମଣୀ ଦେବୀଙ୍କ ଜ୍ୟେଷ୍ଠଭ୍ରାତା ଗୋପୀନାଥ କୁଅଁରଙ୍କ ପରାମର୍ଶକ୍ରମେ ଏହି ଶିଶୁଟିର ନାମ ଅଭିମନ୍ୟୁ ରଖାଯାଇଥିଲା। ବାଲ୍ୟାବସ୍ଥାରେ ଅତ୍ୟନ୍ତ ରୋଗୀଣା ଓ କ୍ଷୀଣ ଶରୀର ଗଠନ ଯୋଗୁ ଅନେକ ଅଭିମନ୍ୟୁଙ୍କୁ ଶ୍ରଦ୍ଧାରେ ପେଜୁ ବୋଲି ସମ୍ବୋଧନ କରୁଥିଲେ। ମାତା ହଂସମଣୀ ଦେବୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଭିମନ୍ୟୁଙ୍କର ପାଠପଢ଼ାରେ ଶ୍ରୀଗଣେଶ ହୋଇଥିଲା। ତେବେ ଓଡ଼ିଆ ବର୍ଣ୍ଣମାଳା ଶିକ୍ଷା ସମୟରେ ‘ଇ’ ଅକ୍ଷର ଅଭ୍ୟାସକୁ ସମାପ୍ତ କରିବା ପାଇଁ ଅଭିମନ୍ୟୁଙ୍କୁ ଲାଗି ଯାଇଥିଲା ୨ ସପ୍ତାହରୁ ଅଧିକ ସମୟ। ଏଥିରେ ଉତ୍‌କ୍ଷିପ୍ତ ହୋଇ ମାତା ହଂସମଣୀ ଦେବୀ ଅଭିମନ୍ୟୁଙ୍କ ଆଙ୍ଗୁଠିକୁ ମୋଡି ଭାଙ୍ଗି ଦେଇଥିଲେ। ପର୍ଯ୍ୟାୟକ୍ରମେ ଅଭିମନ୍ୟୁଙ୍କର ପ୍ରାଥମିକ ଶିକ୍ଷା ସରିଥିଲା। ଏହାପରେ ଓଡ଼ିଶାରୁ ହାଇସ୍କୁଲ ପରୀକ୍ଷାରେ ଯେଉଁ ୧୧ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ସେମାନଙ୍କ ମଧ୍ୟରେ ଅଭିମନ୍ୟୁ ଥିଲେ ଅନ୍ୟତମ। ବିଦ୍ୟା ଅଧ୍ୟୟନରେ ଅଭିମନ୍ୟୁଙ୍କ ରୁଚି ଓ ନିଷ୍ଠାକୁ ଦେଖି ତାଙ୍କ ମାମୁଁ ଗୋପୀନାଥ କୁଅଁର ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦେବା ପାଇଁ ଆଗେଇ ଆସିଥିଲେ। ଭଦ୍ରକ କଲେଜରୁ ସ୍ନାତକରେ ସମ୍ମାନର ସହ ଉତ୍ତୀର୍ଣ୍ଣ ହେବା ପରେ ପଶ୍ଚିମବଙ୍ଗର ଯାଦବପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସେ ସ୍ୱର୍ଣ୍ଣପଦକ ସହ ସ୍ନାତକୋତ୍ତର ସମାପ୍ତ କରିଥିଲେ। ଏହାପରେ କଲିକତାରେ ଲବ୍ଧପ୍ରତିଷ୍ଠିତ ବ୍ୟବସାୟୀ ତଥା ମାମୁଁ ଗୋପୀନାଥ କୁଅଁର ନିଜର ସମସ୍ତ ବାଣିଜ୍ୟ ବ୍ୟବସାୟର ଭାର ଅଭିମନ୍ୟୁଙ୍କ ହାତରେ ଟେକିଦେବା ପାଇଁ ମନେ ମନେ ସ୍ଥିର କରନ୍ତି। ମାତ୍ର ଧର୍ମପରାୟଣ ପିତା ପାଣ୍ଡବଙ୍କ ତାଗିଦ୍ ଓ ସୁପରାମର୍ଶକ୍ରମେ ଅଭିମନ୍ୟୁ କଲିକତା ଛାଡି ଓଡ଼ିଶା ଫେରିଆସନ୍ତି। ଏହାପରେ ଓଏଏସ୍ ଲିଖିତ ପରୀକ୍ଷାରେ ବେଶ୍ ଭଲ ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୁଅନ୍ତି। ମାତ୍ର ପାନ ଖାଇବା ବଦଭ୍ୟାସ ଯୋଗୁ ନିଜକୁ ସଙ୍କୁଚିତ ମନେକରି ସାକ୍ଷାତକାର ପରୀକ୍ଷାକୁ ନିଜଆଡୁ ବର୍ଜନ କରନ୍ତି। ଏହାପରେ ବିଇଡି ସମାପ୍ତ କରି ମାତ୍ର ୨୫ ବର୍ଷ ବୟସରେ ସର୍ବକନିଷ୍ଠ ପ୍ରଧାନଶିକ୍ଷକ ରୂପେ ଶିକ୍ଷକତା ଜୀବନ ଆପଣେଇ ନିଅନ୍ତି। ସମୟଚକ୍ରରେ ଅଭିମନ୍ୟୁଙ୍କର ବୈବାହିକ ଓ ସାମାଜିକ ଜୀବନଚକ୍ର ଅଧିକ ବିସ୍ତାରିତ ହୁଏ। ଓଡ଼ିଶାର ଅନ୍ୟତମ ଟାଣୁଆ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପରିଜନଙ୍କ ସହ ଅଭିମନ୍ୟୁଙ୍କର ବିବାହ ସମ୍ପନ୍ନ ହୁଏ। ଦୁଇ ଭାଇ ଓ ତିନି ଭଉଣୀଙ୍କ ଭଳି ଯୌଥ ପରିବାରର ଡଙ୍ଗାକୁ ମୁଖ୍ୟ ନାବିକ ରୂପେ ଅଭିମନ୍ୟୁ ଓ ତାଙ୍କ ସହଧର୍ମଣୀ କମଳିନୀ ଦେବୀ ଆଗେଇ ନିଅନ୍ତି।

ପାରିବାରିକ ଦାୟିତ୍ୱବୋଧ ବ୍ୟତୀତ ସାମାଜିକ ଉତ୍ତରଦାୟିତ୍ୱ ଓ ନିଷ୍ପେସିତ ବର୍ଗଙ୍କ ହକ୍ ପାଇଁ ନ୍ୟାୟିକ ଓ ଅନ୍ୟାନ୍ୟ ଲଢ଼େଇ ଅଭିମନ୍ୟୁଙ୍କ ଜୀବନରେ ଥିଲା ସବୁଠାରୁ ବଡ ବ୍ରତ। ସେ ସମୟରେ ମ୍ୟାନେଜିଂ କମିଟିର ସଖି କଣ୍ଢେଇ ରୂପେ ପରିଚାଳିତ ହୁଅନ୍ତି ବିଭିନ୍ନ ହାଇସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନେ। ଏଭଳି ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ହକ୍ ପାଇଁ ଅଭିମନ୍ୟୁଙ୍କ ଲଢ଼େଇ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ହାଇକୋର୍ଟରେ ଏକ ରାୟରେ ଏକ ମାସର ଅର୍ଥ ୩୦ଦିନ ରୂପେ ଏକ ନୂଆ ଧାରା ଯୋଡି ହେବା ସହ ଏହା ଅଭିମନ୍ୟୁଙ୍କ କେସ୍ ନମ୍ବର ନାମରେ ନାମିତ ହୋଇଛି। ନୀଳମଣି ରାଉତରାୟଙ୍କ ପରିଜନ ହେତୁ ଅନେକ ସମୟରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିରୋଧୀ ରାଜନୈତିକ ଗୋଷ୍ଠୀଙ୍କ ବିଭିନ୍ନ ହୀନ ଆକ୍ରୋଶର ଶିକାର ହୋଇଛନ୍ତି ଅଭିମନ୍ୟୁ। ତେବେ ସତ୍ୟମେବ ଜୟତେ ମନ୍ତ୍ରରେ ଅଭିମନ୍ତ୍ରିତ ଅଭିମନ୍ୟୁ କର୍ତ୍ତବ୍ୟ ପରାୟଣତା ଓ ଦାୟିତ୍ୱବୋଧତାରେ କୌଣସି ଊଣା ନକରି ଆଦର୍ଶର ଅଭିବ୍ୟକ୍ତି କ’ଣ; ସେ ନେଇ ଛାଡି ଯାଇଛନ୍ତି ଶହ ଶହ ଉଦାହରଣ।

ସମ୍ପର୍କର ପରିଭାଷା କେବଳ ଔରସରୁ ଜାତ, ରକ୍ତ, ଜ୍ଞାତିକୁଟୁମ୍ବ ଓ ପରିଜନର ପରିସର ନୁହେଁ। ଏଭଳି ପରିଧିର ଗଣ୍ଡି ଭିତରୁ ବାହାରି; ସମ୍ପର୍କ କିପରି ଆବେଗିକ ଓ ସମ୍ବେଦନଶୀଳତାର ପ୍ରତ୍ୟେକଟି ପର୍ଯ୍ୟାୟରେ ମହାପରୀକ୍ଷାର ସମ୍ମୁଖୀନ ହୋଇ ପ୍ରତ୍ୟେକଟି ସମ୍ପର୍କ ସତ୍ୟ, ସ୍ୱାତିକ, ପ୍ରେମମୟ, ଚିରନ୍ତନ ଓ ରସୁଆଳର ମହାଭିତ୍ତିଭୂମି ଉପରେ ଦଣ୍ଡାୟମାନ ହେବା ଜରୁରୀ; ସେ ନେଇ ଅନେକ ଘଟଣା ଅଭିମନ୍ୟୁଙ୍କ ବ୍ୟକ୍ତିତ୍ୱର ସମଷ୍ଟିଗତ ଗୁଣକୁ ବୁଝାଇଥାଏ। ଅନୁରୂପକ ଓ ପରିପୂରକ ପରିବେଶର ଲାଞ୍ଛିତ ହେବା ସତ୍ତ୍ୱେ ଅଭିମନ୍ୟୁ କେବେବି ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ୍ ହୋଇନାହାନ୍ତି। ଜୀବନରେ କାହା ପାଖରେ ହାତ ପାତି ନଥିବା ଅଭିମନ୍ୟୁ ଅନେକ ଲୋକଙ୍କୁ ହାତ ଟେକି ଖୋଲା ହୃଦୟରେ କରିଛନ୍ତି ଅନେକ ସାହାଯ୍ୟ। ପ୍ରତିଦାନରେ କିନ୍ତୁ ତାଙ୍କୁ ମିଳିଛି ବିଶ୍ୱାସଘାତକତା। କିନ୍ତୁ ଏଥିରେ ଅଭିମନ୍ୟୁ ଭାଙ୍ଗି ନପଡି କେବଳ ସ୍ମିତହାସ୍ୟଟିଏ ଦେଇଛନ୍ତି। ଜୀବନର ୮୨ରୁ ଊର୍ଦ୍ଧ୍ୱ ବସନ୍ତକୁ ଅତି ନିକଟରୁ ପରଖି ସାରିଥିବା ଅଭିମନ୍ୟୁ ଶେଷରେ ଜୀବନ ଯୁଦ୍ଧରେ ହାରିଯିବେ ବୋଲି ସମସ୍ତଙ୍କ କଳ୍ପନାରୁ ଥିଲା ବାହାରେ। ପୁଅ, ବୋହୂ, ଜ୍ଞାତିକୁଟୁମ୍ବ ଓ ଡାକ୍ତରଙ୍କ ସବୁପ୍ରକାର ସେବା, ଶୁଶ୍ରୁଷା ଓ ଚିକିତ୍ସା ଅଭିମନ୍ୟୁଙ୍କୁ ନିଶ୍ଚିତ ନୂଆ ଜନ୍ମ ଦେବ ବୋଲି ସମସ୍ତଙ୍କର ଆଶା ଓ ବିଶ୍ୱାସ ଥିଲା। ମାତ୍ର ବିଧିର ବିଧାନ ବଡ ବିଚିତ୍ର। ଅସୁସ୍ଥତାର ଚକ୍ରବ୍ୟୁହକୁ ଛେଦନ କରି ନୂଆ ଜୀବନ ପାଇଁ ସଜବାଜ ହେଉଥିବା ବେଳେ ହଠାତ୍ ଯମଦୂତଙ୍କ ନିଷ୍ଠୁରତା ସବୁ ଅଙ୍କକୁ ଏପଟ ସେପଟ କରିଦେଲା। ୨୦୨୨ ମାର୍ଚ୍ଚ ୩ ତାରିଖ ଗୁରୁବାର ଶୁକ୍ଳପକ୍ଷ ପୂର୍ବାହ୍ନରେ ଅଭିମନ୍ୟୁଙ୍କ ଶରୀରରୁ ଆତ୍ମା ଅଲଗା ହୋଇଯାଇଥିଲା। ନିଜ ଜନ୍ମମାଟି ଅର୍ଜ୍ଜୁନବିନ୍ଧାରେ ହୋଇଥିଲା ଅଭିମନ୍ୟୁଙ୍କ ଶେଷକୃତ୍ୟ। ତେବେ ଜୁଇରେ ଅଗ୍ନି ସଂଯୋଗଠାରୁ ଜୁଇ ଲିଭିବା ପର୍ଯ୍ୟନ୍ତ ଏହା ଯେପରି ତେଜିୟାନ ଓ ଉଜ୍ଜ୍ୱଳ ଭାବେ ଝଲସୁଥିଲା ତାହା ତାଙ୍କ ବ୍ୟକ୍ତିତ୍ୱର ଶୌର୍ଯ୍ୟ, ଶକ୍ତପଣ ଓ ଉଦାମତା ବଖାଣୁଥିଲା।

ସତ୍ୟସାଇ ଓ ଶିରିଡିସାଇଙ୍କ ଭକ୍ତ ରୂପେ ଦୀର୍ଘ ୫ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିଜ ଗ୍ରାମରେ ସତ୍ୟସାଇଙ୍କ ଜନ୍ମବାର୍ଷିକକୁ ମହାଆଡମ୍ବର ସହ ପାଳନ ପୂର୍ବକ ଅନ୍ନଯଜ୍ଞରେ ଶ୍ରଦ୍ଧାଳୁମାନଙ୍କୁ ଆପାୟିତ କରିଆସୁଥିଲେ ଅଭିମନ୍ୟୁ। ଏହି ଅନ୍ନଯଜ୍ଞ ଧାରାକୁ ତାଙ୍କ ପରସୁରୀମାନେ କେତେଦୂର ବଜାୟ ରଖୁଛନ୍ତି ତାହା ସମୟ କହିବ। ସେହିପରି ନିଜ ଆତ୍ମଜୀବନୀକୁ ସ୍ୱହସ୍ତରେ ଅଭିମନ୍ୟୁ ମୃତ୍ୟୁର ମାତ୍ର କିଛିଦିନ ପୂର୍ବରୁ ଶେଷ କରିଛନ୍ତି। ଶିରିଡିସାଇଙ୍କ ଆଳତି ସମୟରେ ବୋଲା ଯାଉଥିବା ପ୍ରାର୍ଥନାକୁ ନିଛକ ଓଡ଼ିଆ ଶୈଳୀରେ ଏକ ସ୍ୱତନ୍ତ୍ର ଭାବଧାରାରେ କିପରି ଆଳତି ହେବା ଜରୁରୀ ସେ ନେଇ ମଧ୍ୟ ସ୍ୱପ୍ନାଦେଶରେ ପାଇଥିବା ଆଦେଶକୁ ନିଜର ଲେଖନୀରେ ଆଙ୍କିଛନ୍ତି। ଇଂରାଜୀ ଭାଷାରେ ଉଚ୍ଚତର ଓ ସ୍ୱତନ୍ତ୍ର ପାଣ୍ଡିତ୍ୟ ରଖିଥିବା ଅଭିମନ୍ୟୁ ନିଜ ପାଠାଗାରରେ ୨୦ ହଜାରରୁ ଊର୍ଦ୍ଧ୍ୱ ବିରଳ ପୁସ୍ତକ ଏକାଠି କରି ବିଭିନ୍ନ ଅନୁଷ୍ଠାନକୁ ଦାନ କରୁଥିଲେ।

ଅତୃପ୍ତ ତୃପ୍ତ ହେବା ଜରୁରୀ। ଅଦୃଶ୍ୟର ଦୃଶ୍ୟ ଏକାନ୍ତ ଆବଶ୍ୟକ। ମାତ୍ର କର୍ତ୍ତବ୍ୟ ଯଜ୍ଞରେ ଯିଏ ମହାମୋକ୍ଷ ପାଇସାରିଥାଏ ତା’ପାଇଁ ଆଉ କ’ଣ ଆବଶ୍ୟକ। ଅଭିମନ୍ୟୁଙ୍କ ନୀତି ଓ ଆଦର୍ଶ ‘ସର୍ବଜନ ହିତାୟ’ ନ୍ୟାୟରେ ତାଙ୍କ ପରସୁରୀମାନେ ଆଗେଇ ନେଇପାରିଲେ ଏହା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଓ ଅବ୍ୟକ୍ତ ଅଭିମନ୍ୟୁର ଅନାଲୋଚିତ ଦିଗକୁ ଉଦ୍‌ଭାସିତ କରିବା ପାଇଁ ପ୍ରୟାସ।

# ଅସୁରକ୍ଷିତ ଜନ ସାଧାରଣ ପ୍ରଶାସନର ଉଦାସୀନ ମନୋଭାବ ବଢୁଛି ସାଧାରଣରେ ଅସନ୍ତୋଷ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ଓ ଦୁର୍ଗାପୁର ପଞ୍ଚାୟତକୁ ଆଇନଶୃଙ୍ଖଳା ଦୃଷ୍ଟିରୁ ବାଘମାରୀ ଥାନା ସହିତ ସଂଲଗ୍ନ କରିବା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଓ ମହାମହିମ ରାଜ୍ୟପାଳ ଲିଖିତ ଅଭିଯୋଗ ହୋଇଛି । ତେବେ ଏଥିରେ କୌଣସି କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ସୁଦ୍ଧା ଗ୍ରହଣ କରାଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।୨୦୦୪ ମସିହାରେ ବାଘମାରୀରେ ବିଟ ହାଉସ ଖୋଲା ଯିବାବେଳେ ପଞ୍ଚାୟତ ଦୁଇଟି ବିଟ ହାଉସ ଅଧିନର ରହିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ପୁଲିସ ତତକ୍ଷଣାତ ପଂହଁଚି ପାରୁଥିଲା । ଏପରିକି ରାତ୍ରୀ କାଳୀନ ପାଟ୍ରୋଲିଙ୍ଗ ମଧ ଠିକ ଭାବରେ ହେଉ ଥିବାରୁ ଜନ ସାଧାରଣଙ୍କ ଧନଜୀବନ ସୁରକ୍ଷିତ ରହି ପାରୁଥିଲା ।କିନ୍ତୁ ବାଘମାରୀ ବିଟ ହାଉସ ଥାନାରେ ପରିଣତ ହେବା ପରେ ବର୍ତମାନ ପରିସ୍ଥିତିରେ କୁଞ୍ଜୁରୀ ଓ ଦୁର୍ଗାପୁରକୁ ଖୋର୍ଦ୍ଧା ସଦର ଥାନା ଅଧିନରେ ରଖାଯାଇଛି । ଯାହା କି ଖୋର୍ଦ୍ଧାର ଦୂରତ୍ୱ ୧୫କିମି ହୋଇଥିବାରୁ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପୁଲିସ ଆସି ଘଟଣାସ୍ଥଳରେ ପହଁଚିବାରେ ବିଳମ୍ବ ଘଟୁଛି । ପ୍ରତ୍ୟେକ ଦିନ ଛୋଟ ବଡ଼ ଚୋରି ଓ ରାହାଜାନି ସହ ନିଶା ବେପାରୀ ମାନେ ନିର୍ବିଘ୍ନରେ ବେପାର କରି ଚ଼ାଲିଛନ୍ତି । ଅନ୍ୟ ପକ୍ଷରେ ବାଘମାରୀ ଥାନା ସ୍ଥାନୀୟ ବ୍ଲକର ୫ ଟି ପଞ୍ଚାୟତକୁ ନେଇ ଗଠନ କରାଯାଇଛି କ୍ଷ ଏହି ଦୁଇଟି ପଞ୍ଚାୟତ ବାଘମାରୀ ଥାନା ଅଧିନରେ ରହିଲେ ଥାନାର ପରିସୀମା ବୃଦ୍ଧି ପାଇବା ସହ ପଞ୍ଚାୟତ ଦୁଇଟିର ଜନସାଧାରଣ ତତକ୍ଷଣାତ ପୁଲିସ ସେବା ପାଇ ଜନ ସାଧାରଣଙ୍କ ମାନଙ୍କର ଧନ ଜୀବନ ସୁରକ୍ଷିତ ରହି ପାରନ୍ତା ।ଏ ସମ୍ପର୍କରେ ସମାଜସେବୀ ଜୟକୃଷ୍ଣ ସାହୁ ରାଜ୍ୟପାଳ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଛନ୍ତି । କିନ୍ତୁ ପରିତାପର ବିଷୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ପ୍ରକଟ କରିଛି। ଏହି ସମସ୍ୟା କେବେ ସମାଧାନ କରାଯିବ ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା ।

# ଚଲାପଥର ଏକାବନତମ ହୀରକ ଜୟନ୍ତୀ ପ୍ରାରମ୍ଭ ସାହିତ୍ୟୋତ୍ସବ

ଭୁବନେଶ୍ୱର,(ପି.ଏନ): ମାନବବୋଧତାର ମୂଲ୍ୟ ବୋଧକୁ ନେଇ ଜୀବନଧର୍ମି ସାହିତ୍ୟ ସୃଷ୍ଟି ହେବା ଉଚିତ୍ ବୋଲି ଓଡ଼ିଶାର ବରିଷ୍ଠ ସାହିତ୍ୟିକ, ସାମ୍ବାଦିକ ଓ ଓଡ଼ିଶା ସାମ୍ବାଦିକ ସଂଘର ସଭାପତି ପ୍ରଶନ୍ନ ମହାନ୍ତି ଚଲାପଥର ୫୧ତମ ହୀରକ ଜୟନ୍ତୀ ପ୍ରାରମ୍ଭ ସାହିତ୍ୟୋତ୍ସବକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଥିଲେ । ଚଲାପଥ ଏକ ଅର୍ଦ୍ଧଶତାବ୍ଦୀର ସାମାଜିକ, ସାହିତ୍ୟ ଓ ସଂସ୍କୃତି ଇତିହାସର ପୃଷ୍ଠାକୁ ସମୃଦ୍ଧ କରିଆସିଛି । ଚଲାପଥର ଚିନ୍ତା ଓ ଚେତନା ଦର୍ପଣ ପରି ସ୍ୱଚ୍ଛ ଓ ନିର୍ମଳ, ଚଲାପଥ ପ୍ରତିଟି ସାରସ୍ୱତ ବ୍ୟକ୍ତିଙ୍କ ଜୀବନର ସୃଜନ ପାହାଚ ପାଲଟି ଯାଇଛି । ଚଲାପଥର ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର ଚଲାପଥ ଅର୍ଦ୍ଧ ଶତାବ୍ଦୀର ଇତିହାସ ବର୍ଣ୍ଣନା କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ପ୍ରଶାସକ, କଳିଙ୍ଗ ନଗରର ପ୍ରାକ୍ତନ ଅତିରିକ୍ତ ଜିଲାପାଳ, ସାହିତ୍ୟିକ ବରିଷ୍ଠ ଅଭିନେତା ସନ୍ତୋଷ କୁମାର ମିଶ୍ର କହିଲେ ଯେ ସାଂପ୍ରତିକ ସାହିତ୍ୟର ଗତି ଓ ପ୍ରଗତି ଗୋଟିଏ ସୁସ୍ଥ ଓ ନିର୍ମଳ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଉପରେ ନିର୍ଭର କରେ । ଅର୍ଦ୍ଧଶତାବ୍ଦୀର ଚଲାପଥରେ ବହୁ ସାରସ୍ୱତ ମନିଷୀମାନେ ପାଦ ଥାପି ନିଜକୁ ଗୌରବାନ୍ୱିତ ମନେ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ମାନବ ଅଧିକାର ଆୟୋଗ ନୂଆଦିଲ୍ଲୀ କୋର ଗ୍ରୁପ ସଦସ୍ୟ ମନୋଜ କୁମାର ଜେନା, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବି ତଥା ସମାଜସେବୀ କବୀର କୁମାର ଜେନା, ସୂଚନା ଓ ଲୋକସମ୍ପର୍କର ଅଧିକାରୀ, ବିଶିଷ୍ଟ ସାହିତ୍ୟିକ ସରୋଜ କୁମାର ଶତପଥି, ବାଙ୍ଗାଲୋର ନ୍ୟୁଜ୍ ସେଭେନ ଓଡ଼ିଆ ଚ୍ୟାନେଲର ଦକ୍ଷିଣ ଭାରତ ମୁଖ୍ୟ, ସାମ୍ବାଦିକ, ସାହିତ୍ୟିକ, ବାଙ୍ଗାଲୋର ଓଡ଼ିଆ ସାହିତ୍ୟ, ସଂସ୍କୃତି, ସାମାଜିକ ସଙ୍ଗଠନର ପ୍ରତିଷ୍ଠାତା ରଂଜନ କୁମାର ଆଚାର୍ଯ୍ୟ, ପ୍ରଫେସର ଡକ୍ଟର ନୃସିଂହ ଚରଣ ସାହୁ, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ତଥା ବରିଷ୍ଠ କବି ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା, ସ୍ମୃତିଲିପିର ସମ୍ପାଦକ ତଥା ଚଲାପଥର ଉପସଭାପତି ଭୁବନ ମୋହନ ମହାନ୍ତି ପ୍ରମୁଖ ଯୋଗ ଦେଇ ସମାଜର ବାସ୍ତବ ଚିତ୍ରକୁ ନେଇ ସାହିତ୍ୟ ସୃଷ୍ଟି ହେବା ଉଚିତ । ଗୋଟିଏ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ସାହିତ୍ୟିକମାନଙ୍କର ଜୀବନର ଲକ୍ଷକୁ ପୁରଣ କରିଥାଏ । ଚଲାପଥ ବହୁ ସାହିତ୍ୟିକମାନଙ୍କ ଜୀବନର ଲକ୍ଷକୁ ପୁରଣ କରିବାରେ ସହାୟକ ହୋଇ ପାରିଛି । ନିଷ୍ଠା ଓ ସାଧନା ଦ୍ୱାରା ମଣିଷ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ ହାସଲ କରିଥାଏ । ଥରେ ଚଲାପଥରେ ଯେ ପାଦଥାପିଛି ସେ ପଛକୁ କେବେ ଫେରି ଚାହିଁ ନାହିଁ। ସାହିତ୍ୟିକମାନେ ଅହଂ, ଗର୍ବ ଓ ଇର୍ଷାର ଊର୍ଦ୍ଧ୍ୱରେ ରହି ପରସ୍ପର ମଧ୍ୟରେ ସ୍ନେହ ଓ ଶ୍ରଦ୍ଧାର ଅମୃତ ଉତ୍ସକୁ ବିତରଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com







ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଉ ମ ସ୍ୱାସ୍ଥ୍ୟ ପାଇଁ ୭ଦିନର ପ୍ରଭାବଶାଳୀ ଆୟୁର୍ବେଦ ଡାଏଟ ପ୍ଲାନ



ଭୁବନେଶ୍ୱର,(ପି.ଏନ): ଋତୁଜନିତ ଅସ'ନ୍ତୁଳନକୁ ରୋକିବା ପାଇଁ ଆୟୁର୍ବେଦରେ ମୁଠାଏ ଆଲମଣ୍ଡ ସହିତ ସନ୍ତୁଳିତ ଖାଦ୍ୟର ସେବନ ଉପରେ ଗୁରୁତ୍ୱାରୋପ କରାଯାଇଛି । ଘରେ ପ୍ରସ୍ତୁତ ଘିଅ, ପନିପରିବା ପ୍ରସ୍ତୁତ ସୁପ, ଋତୁକାଳୀନ ସବୁଜ ପନିପରିବା ଏବଂ ହାତ ମୁଠା ଭରି ଆଲମଣ୍ଡକୁ ଦୈନିକ ଖାଦ୍ୟରେ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି . ଆୟୁର୍ବେଦ ବିଶେଷଜ୍ଞ ଡା.ମଧୁମିଥା କ୍ରିଷ୍ଣନ। ୭ ଦିନର ଏକ ସୁପରିକଳ୍ପିତ ଆୟୁର୍ବେଦିକ ଖାଦ୍ୟ ଆପଣଙ୍କୁ ଋତୁକାଳୀନ ରୋଗକୁ ଦୂରେଇ ରଖିବା ସହିତ ଏକ ପାତ୍ର ଆଲମଣ୍ଡ, ତାଜା ପନିପରିବା ସାଲାଡ ପରି ପୁଷ୍ଟିକର, ସ୍ୱାଦିଷ୍ଟ ଖାଦ୍ୟର ମଜା ନେବାରେ ସାହାଯ୍ୟ କରିଥାଏ । ୭ ଦିନର ଆୟୁର୍ବେଦୀୟ ଖାଦ୍ୟ ଯୋଜନା ଉପରେ ମତବ୍ୟକ୍ତ କରି ଡା. କ୍ରିଷ୍ଣନ କହିଛନ୍ତି ପ୍ରଥମ ଦିନରେ ଜଳଖିଆରେ ମେଥି ଥେପଲା ସହିତ ଦହି, ମଧ୍ୟାହ୍ନ ଭୋଜନରେ ବାଜରା ରୁଟି ସହିତ ପାଲକ-ପନିର ତରକାରୀ, ସବୁଜ ପନିପରିବାର ସାଲାଡ, ହାତ ମୁଠା କାର୍ଲିଫର୍ଣ୍ଣିଆ ଆଲମଣ୍ଡ ଏବଂ ରାତ୍ରିଭୋଜନରେ ଘିଅରେ ରନ୍ଧା ଯାଇଥିବା ମୁଗଡ଼ାଲି ଖେଚୁଡ଼ି, ଜିରା ତଥା ଗୋଲମରିଚ୍, ଯାହାକି ବିଟରୁଟ ଏବଂ ଗାଜର ତରକାରୀ ସହିତ ଏକାଠି ପରସିପାରିବେ । ସେହିଭଳି ଦ୍ୱିତୀୟ ଦିନ ଜଳଖିଆରେ ମସଲା ଓଟସ ସହିତ ଭଜା ଆଲମଣ୍ଡ, ମଧ୍ୟାହ୍ନ ଭୋଜନରେ ଜିରା ରାଇସ ସହିତ ରାଜମା ତରକାରୀ, ସବୁଜପତ୍ର ସାଲାଡ ଏବଂ ରାତ୍ରିଭୋଜନରେ ବାଜରା ଖେଚୁଡ଼ି ସହିତ ଗରମ ମସଲା ଯେପରିକି ଲବଙ୍ଗ, ଗୋଲମରିଚ୍ ଏବଂ ବିଟରୁଟ ରାଇତା ଖାଇପାରିବେ । ତୃତୀୟ ଦିନ ଜଳଖିଆରେ ଘରେ ପ୍ରସ୍ତୁତ ମୁସଲି ସହିତ ଉଷୁମ ଆଲମଣ୍ଡର ଖିର ଏବଂ ଆଲମଣ୍ଡ ଏବଂ ଘରେ ଘିଅରେ ପ୍ରସ୍ତୁତ ଗାଜର ପରଟା, ମଧ୍ୟାହ୍ନରେ ରୁଟି ସହିତ ଚଣାମସଲା ତରକାରୀ, ଋତୁକାଳୀନ ପନିପରିବା ସାଲାଡ଼ ଏବଂ ଏକମୁଠା ଆଲମଣ୍ଡ ଏବଂ ରାତ୍ରିଭୋଜନରେ ଗାଜର, ଅଦାସୁପ ସହିତ ଗରମ ଭାତ ଏବଂ ପନିପରିବା ମିଶ୍ରିତ ତରକାରୀ ଖାଇପାରିବେ । ଚତୁର୍ଥ ଦିନ ଜଳଖିଆରେ ବେସନ ପିଠା ସହିତ ପୋଦିନା ପତ୍ର ଚଟଣୀ, ମଧ୍ୟାହ୍ନରେ ଗରମ ଭାତ ସହିତ ସଜନାଛୁଇଁ ସମ୍ବର, ପତ୍ରଯୁକ୍ତ ସବୁଜ ସାଲାଡ଼ ଏବଂ ଆଲମଣ୍ଡ ଭଜା, ରାତ୍ରିଭୋଜନରେ ପନିପରିବା ଷ୍ଟ୍ୟୁ ସହିତ ପଇଡ଼ପାଣି, ଗୋଲମରିଚ୍, ଡ଼ାଲଚିନି ସହିତ ଅଟାର ବ୍ରେଡ଼ ନେଇପାରିବେ । ପଂଚମ ଦିନ ଜଳଖିଆରେ ବାଜରା ଉପମା ସହିତ ଗୋଲମରିଚ୍ ଏବଂ ଘିଅ, ମଧ୍ୟାହ୍ନରେ ରୁଟି ସହିତ ସବୁଜ ମୁଗଡ଼ାଲି ତରକାରୀ, ଗାଜର ଏବଂ ସବୁଜ ସାଲାଡ଼ ସହିତ ଆଲମଣ୍ଡ, ରାତ୍ରିଭୋଜନରେ ରନ୍ଧା ହୋଇଥିବା ଡାଲି ମିଶା ଖେଚୁଡ଼ି ସହିତ ଗୋଲମରିଚ୍, ଜିରା ଏବଂ ଘିଅ ଏହା ସହିତ ବିଟରୁଟର ରାଇତା ସହିତ ଏହାକୁ ପରସି ପାରିବେ । ଷଷ୍ଠ ଦିନରେ ଜଳଖିଆରେ ଘିଅରେ ପ୍ରସ୍ତୁତ ଉଷୁମ ଖିରା, ଗୁଡ଼, ଆଲମଣ୍ଡ, ଡ଼ାଲଚିନି, ମେଥିଥେପଲା ସହିତ ଦହି ଏବଂ ଆଲମଣ୍ଡ, ମଧ୍ୟାହ୍ନରେ ବାଜରା ରୁଟି ସହିତ ସଜନାଛୁଇଁ ତରକାରୀ, ପତ୍ରଯୁକ୍ତ ସବୁଜ ସାଲାଡ଼ ଏବଂ ଆଲମଣ୍ଡ ଗୁଣ୍ଡ, ରାତ୍ରିଭୋଜନରେ ବେସନ ପିଠା ସହିତ ପିଆଜ ସଣ୍ଢ ଏବଂ ଗହମର ବ୍ରେଡ଼ ନେଇପାରିବେ । ସପ୍ତମ ଦିନ ଜଳଖିଆରେ ପ୍ରସ୍ତୁତ ଚୁଡ଼ା ସହିତ ହଳଦୀ ଏବଂ ଗୋଲମରିଚ୍ ଗୁଣ୍ଡ, ମଧ୍ୟାହ୍ନରେ ଗହମ ରୁଟି ସହିତ ମେଥି ଚଣା ତରକାରୀ, ସବୁଜ ସାଲାଡ଼ ଏବଂ ହାତମୁଠା ଆଲମଣ୍ଡ ଏବଂ ରାତ୍ରିଭୋଜନରେ ଲେଟିନ ସୁପ ମିଶ୍ରଣ ସହିତ ସବୁଜ ସାଲାଡ଼ ଏବଂ ଗରମ ଭାତ ଖାଇପାରିବେ । ଖାଦ୍ୟ ଥାଳିକୁ ପ୍ରସ୍ତୁତ କରିବା ସମୟରେ ସର୍ବଦା ଆପଣଙ୍କ ବ୍ୟକ୍ତିଗତ ଆବଶ୍ୟକତା ଏବଂ ପସନ୍ଦ ଆଧାରରେ ଅଂଶଗୁଡିକ କଷ୍ଟମାଇଜ କରନ୍ତୁ। ସନ୍ତୁଳିତ ଭୋଜନ ପାଇଁ ସମସ୍ତ ଛଅଟି ସ୍ୱାଦ (ମିଠା, ଖଟା, ଲୁଣିଆ, ପିତା, ରାଗ ଏବଂ କଷାଳିଆ) ଅନ୍ତର୍ଭୁକ୍ତ କରନ୍ତୁ। ଉଷୁମ ତେଲ (ଅଭ୍ୟାଙ୍ଗ)ରେ ନିୟମିତ ମାଲିସ କରିବା ଦ୍ୱାରା ବାତ ସନ୍ତୁଳିତ କରିବା, ସଂଚାଳନରେ ଉନ୍ନତି ଆଣିବା ସହ ସାମଗ୍ରିକ ସୁସ୍ଥତା ବୃଦ୍ଧି ପାଇଥାଏ।

## କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ। କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ। ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗତିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି- ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟାଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା।

## ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼-ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା। ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେ'ାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା। ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛନ୍ତି । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ। ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଧେଶ ପ୍ରଣୋଦିତ। ଯାଜପୁର-କେନ୍ଦୁଝର - ରାଉରକେଲା-ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ। ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛନ୍ତି । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ।

## ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପି.ଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା। ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

## ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ। ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସି ମାଧମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ। ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ।


### ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର

**ବିଜ୍ଞାପନ**

ଗୌରବୋଜ୍ଜ୍ୱଳ ଐତିହ୍ୟ, ସଂସ୍କୃତି, କଳା ଓ ପରମ୍ପରାର ପ୍ରତୀକ ଜଗତସିଂହପୁର ଜିଲ୍ଲା ମହୋତ୍ସବ, "କଲ୍ଲୋଳ-୨୦୨୫" ଏପ୍ରିଲ ମାସ ୧ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ପାଳନ କରାଯାଉଅଛି। ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା, ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପିଠା, ଝୋଟି, ହୁଳହୁଳି ପ୍ରତିଯୋଗିତା, ସୁସ୍ୱାଦୁ ଖାଦ୍ୟମେଳା ଇତ୍ୟାଦି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି।

ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆପଣଙ୍କୁ ଅନୁରୋଧ କରୁଅଛି।

ଶ୍ରୀଯୁକ୍ତ କେ. ସୋହାଲ, ଭା.ପ୍ର.ସେ.
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଜଗତସିଂହପୁର



2024-2025

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada


## ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

## ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ୟତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

୭୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday April 02 ଭୁବନେଶ୍ୱର ବୁଧବାର, ୦୨, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ପାଳିତ





ଭୁବନେଶ୍ୱର,(ପି.ଏନ): କିଟ୍ ଓ କିସ୍ ପକ୍ଷରୁ ଉତ୍କଳ ଦିବସ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଛି। ଇତି ମଧ୍ୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଥିବା ବେଳେ ବିଗତ ୩ ଦଶନ୍ଧୀ ଧରି ଓଡ଼ିଶାର ବିକାଶରେ କିଟ୍ ଓ କିସ୍‌ର ଯୋଗଦାନ ରହିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀ ସାମନ୍ତ କହିଥିଲେ। କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ଉଚ୍ଚ ପ୍ରଶଂସା କରି ୟୁନେସ୍କୋ ସାଂସ୍କୃତିକ ଐତିହ୍ୟରେ କଟକ ବାଲିଯାତ୍ରା ସ୍ଥାନ ପାଇବାକୁ ଯାଉଥିବା ବିଷୟ ଉଲ୍ଲେଖ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା. ସିବିକେ ମହାନ୍ତି ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉତ୍କଳ ଦିବସ ଉପରେ ନିଜନିଜର ମତ ରଖିଥିଲେ। ଶେଷରେ କିଟ୍ ଓ କିସ୍ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା।

# ଇନ୍‌ଫିନିକ୍ସ ପକ୍ଷରୁ ନୋଟ ୫୦ଏକ୍ସ ୫ଜି+ର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ) : ଏକ ନୂତନ ଯୁଗର ସ୍ମାର୍ଟଫୋନ ବ୍ରାଣ୍ଡ ଇନ୍‌ଫିନିକ୍ସ ପକ୍ଷରୁ ଏକ ଅତ୍ୟାଧୁନିକ ନୋଟ ୫୦ଏକ୍ସ ୫ଜି+ର ଉନ୍ମୋଚନ କରାଯାଇଛି । ୧୦,୪୯୯ ଟଙ୍କା (ଅଫର ସମେତ)ର ଏକ ସ୍ୱତନ୍ତ୍ର ପ୍ରାରମ୍ଭିକ ମୂଲ୍ୟରେ ନୋଟ ୫୦ଏକ୍ସ ୫ଜି+ ଆସନ୍ତା ଏପ୍ରିଲ ୩ ତାରିଖ ୨୦୨୫ରୁ ଫ୍ଲିପ୍‌କାର୍ଟରେ କ୍ରୟ ପାଇଁ ଉପଲବ୍ଧ ହେବ। ୩ଟି ଆକର୍ଷଣୀୟ ରଙ୍ଗ ସି ବ୍ରିଜ ଗ୍ରୀନ (ଭେଗାନ ଲେଦର), ଟାଇଟାନିୟମ ଗ୍ରେ ଓ ଏନ୍‌ଚାଂଟେଡ ପର୍ପଲ (ମେଟାଲିକ ଫିନିଶ)ରେ ଉପଲବ୍ଧ ଏହି ଡିଭାଇସକୁ ଟେକ୍ନୋଲୋଜି ଉତ୍ସାହୀଙ୍କଠାରୁ ଆରମ୍ଭ କରି ସାଧାରଣ ଉପଭୋକ୍ତାଙ୍କ ପର୍ଯ୍ୟନ୍ତ ବିବିଧ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ନିର୍ମାଣ କରାଯାଇଛି। ବିଶ୍ୱର ପ୍ରଥମ ମିଡିଆଟେକ ଡାଇମେନସିଟି ୭୩୦୦ ଅଲ୍ଟିମେଟ ପ୍ରୋସେସର ଦ୍ୱାରା ପରିଚାଳିତ ଏହି ସ୍ମାର୍ଟଫୋନ ସ୍ପିଡ, ଗେମିଂ ଓ ଚତୁର ପ୍ରଦର୍ଶନ ପାଇଁ ଏକ ନୂଆ ବେଂଚମାର୍କ ସ୍ଥିର କରିଛି। ୪୫ ୱାଟ ଫାଷ୍ଟ ଚାର୍ଜିଂ ସହ ଏକ ୫୫୦୦ ଏମଏଏଚ ସେମି-ସଲିଡ ଷ୍ଟେଟ ବ୍ୟାଟେରୀ ବାଧାମୁକ୍ତ ପାୱାର ନିଶ୍ଚିତ କରିଥାଏ।




ଅପ୍‌ଗ୍ରେଡେଡ ଏକ୍ସଓଏସ ୧୫ ଇଂଟରଫେସ୍, ଉନ୍ନତ ଫିଚର ଓ ୱାନ-ଟ୍ୟାପ ଇନ୍‌ଫିନିକ୍ସ ଏଆଇ ସହିତ ଏହି ଡିଭାଇସ ଏକ ସୁଗମ, ଅନ୍ତର୍ନିହିତକାରୀ ଓ ଦକ୍ଷ ଅନୁଭୂତି ନିଶ୍ଚିତ କରି ବ୍ୟକ୍ତିଗତ ପସନ୍ଦଗୁଡିକ ସହ ସହଜରେ ମେଳ ଖାଇଥାଏ। ଏହି ସ୍ମାର୍ଟଫୋନରେ ଏକ ୬.୬୭ ଇଂଚ ଏଚ୍‌ଡି+ ୧୨୦ଏଚଜେଡ ପଂଚ-ହୋଲ ଡିସ୍‌ପ୍ଲେ ସହ ଡିଟିଏସ-ପରିଚାଳିତ ଡୁଆଲ ସ୍ପିକର ରହିଛି, ଯାହା ଏକ ନିମଜ୍ଜିତ ମନୋରଞ୍ଜନ ଅନୁଭୂତି ପ୍ରଦାନ କରୁଛି। ଫଟୋଗ୍ରାଫି ଉତ୍ସାହୀମାନେ ୧୨ରୁ ଅଧିକ ଫଟୋଗ୍ରାଫି ମୋଡ ସହ ଏହାର ୫୦ଏମପି ଡୁଆଲ ରିୟର କ୍ୟାମେରା ଏବଂ ଫ୍ରଂଟ ଓ ସ୍କ୍ରିନ ଫ୍ଲାଶ ସହ ୪କେ ଭିଡିଓ ରେକର୍ଡିଂ ପାଇଁ ସକ୍ଷମ ଥିବା ଏକ ୮ଏମପି ସେଲ୍‌ଫି କ୍ୟାମେରା ପାଇବେ।ଏହି ଅବସରରେ ଇନ୍‌ଫିନିକ୍ସ ଇଣ୍ଡିଆର ସିଇଓ ଅନିଶ କପୁର କହିଛନ୍ତି, "କାର୍ଯ୍ୟଦକ୍ଷତା ସବୁବେଳେ ଆମ ଯାତ୍ରାର କେନ୍ଦ୍ରରେ ରହିଛି ଏବଂ ୨୦୨୫ରେ ଆମେ ଏହାକୁ ଆହୁରି ଆଗକୁ ବଢାଇଛୁ । ଏଭଳି ଡିଭାଇସ ପ୍ରଦାନ କରୁଛୁ ଯାହା ଆଧୁନିକ ଟେକ୍ନୋଲୋଜିକୁ ଦୈନନ୍ଦିନ ଉପଯୋଗିତା ସହ ସହଜରେ ଏକୀକୃତ କରିଥାଏ। ଉପଭୋକ୍ତାଙ୍କ ତଥ୍ୟ ଉପରେ ଆଧାର କରି ଡିଜାଇନ କରିବା ସହ ଆମେ ଏକ ନିର୍ଭୀକ ସିଏମଏଫ୍ ଆଭିମୁଖ୍ୟ ଗ୍ରହଣ କରିଛୁ ଯାହା ବ୍ୟକ୍ତିତ୍ୱକୁ ପ୍ରତିଫଳନ କରୁଥିବା ଷ୍ଟାଇଲିଶ ସ୍ମାର୍ଟଫୋନ ନିର୍ମାଣ କରି ପ୍ରିମିୟମ ଟେକ୍ସଚର, ଅଭିନବ ସାମଗ୍ରୀ ଓ ସମସାମୟିକ ରଙ୍ଗଗୁଡିକୁ ମିଶ୍ରଣ କରିଛି। ନୋଟ ୫୦ଏକ୍ସ ୫ଜି+ର ଶୁଭାରମ୍ଭ ଏହି ଆଭିମୁଖ୍ୟ ପ୍ରତି ଏକ ପ୍ରମାଣ ଅଟେ। ଇନ୍‌ଫିନିକ୍ସ ନୋଟ ୫୦ଏକ୍ସ ୫ଜି+ରେ ନେକ୍ସଟ-ଜେନ ଇନ୍‌ଫିନିକ୍ସ ଏଆଇ ରହିଛି ଯାହା ଏକ ଅନନ୍ୟ ଏଆଇ-ପରିଚାଳିତ ଅନୁଭୂତି ପ୍ରଦାନ କରୁଛି, ଅନ-ସ୍କ୍ରିନ ଆୱାରନେସ, ଏଆଇଜିସି ପୋର୍ଟ୍ରେଟ, ଏଆଇ ନୋଟ, ରାଇଟିଂ ଆସିଷ୍ଟାଂଟ ଓ ଫୋଲାକ୍ସ (ଏଆଇ ଭଏସ ଆସିଷ୍ଟାଂଟ) ଭଳି ଫିଚରଗୁଡିକ ମାଧ୍ୟମରେ ଆନନ୍ଦ ଓ ଉତ୍ପାଦକତାକୁ ମିଶ୍ରଣ କରୁଛି। ଏଥିରେ ୧୨୮ଜିବି ଇଂଟରନାଲ ଷ୍ଟୋରେଜ ରହିଛି ଏବଂ ଏହାର ମେମଫ୍ୟୁଜନ ଟେକ୍ନୋଲୋଜି ରାମ ଏକ୍ସପାନ୍‌ଶନକୁ ୬ଜିବିରୁ ୧୨ଜିବିକୁ କିମ୍ବା ୮ଜିବିରୁ ୧୬ ଜିବିକୁ ବୃଦ୍ଧି କରିବାକୁ ଅନୁମତି ଦେଇଥାଏ। ଇନ୍‌ଫିନିକ୍ସ ନୋଟ ୫୦ଏକ୍ସ ୫ଜି+ ଦୁଇଟି ଭାରିଆଂଟ: ୬ଜିବି ରାମ + ୧୨୮ଜିବି (୧୨ଜିବିକୁ ବୃଦ୍ଧି ହୋଇପାରିବ) ଏବଂ ୮ଜିବି ରାମ + ୧୨୮ଜିବି (୧୬ ଜିବିକୁ ବୃଦ୍ଧି ହୋଇପାରିବ)ରେ ଉପଲବ୍ଧ ହେଉଛି। ଉପଭୋକ୍ତାମାନେ ଆଇସିଆଇସିଆଇ ବ୍ୟାଙ୍କ ଡେବିଟ ଓ କ୍ରେଡିଟ କାର୍ଡ ଉପରେ ତତ୍କାଳ ବ୍ୟାଙ୍କ ରିହାତି କିମ୍ବା ଏକ ଏକ୍ସଚେଞ୍ଜ ଲାଭ ଭାବେ ୧୦୦୦ ଟଙ୍କାର ରିହାତି ପାଇପାରିବେ।

# ଜୟଦେବ ଗଣଦୌଡ-୨୦୨୫ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ଉତ୍କଳ ଦିବସ ଅବସରରେ ଜୟଦେବ ଅଂଚଳର ପର୍ଯ୍ୟଟନ କ୍ଷେତ୍ର ଗୁଡିକର ବିକାଶ ଓ ପ୍ରସାର ପ୍ରଚାରର ସଂକଳ୍ପ ନେଇ ଆୟୋଜିତ ହୋଇଛି ଜୟଦେବ ଗଣଦୌଡ ୨୦୨୫ । ନିର୍ଭିକ ଖବର ଓ ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଗଣଦୌଡ଼ରେ ସ୍କୁଲ , କଲେଜ ଛାତ୍ର ଛାତ୍ରୀ , ଅଂଚଳର ଯୁବ ପିଢୀ ,ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ସମେତ ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗନେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀ ଡଃ ଅରବିନ୍ଦ ଢ଼ାଲି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନାଲକୋର ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଶୁତୋଷ ରଥ , ବରିଷ୍ଠ ଶିକ୍ଷାବିତ୍ ବିଦୁଭୂଷଣ ପଟ୍ଟନାୟକ , ସଂଳାପକାର ଡଃ ରଜନୀ ରଞ୍ଜନ ଦାସ , ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ , ପ୍ରମୋଦ ପାଢ଼ୀ , ସୁଚିସ୍ମିତା ପୃଷ୍ଟି , ରଞ୍ଜନ କୁମାର ମହାପାତ୍ର , ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ରେଣୁକା ସେଠୀ , ତନୟା ଦାସ ଗୋସ୍ୱାମୀ ,ମେଡିକାଲ ଅଫିସର ତନ୍ମୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଜୟଦେବ ଅଂଚଳର ଐତିହ୍ୟ, ପର୍ଯ୍ୟଟନ କ୍ଷେତ୍ରର ପ୍ରସାର ପ୍ରଚାର ଓ



ସୁରକ୍ଷା ନିମନ୍ତେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଗଣଦୌଡ ବାଳକାଟି ସ୍ଥିତ ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ଠାରୁ ଆରମ୍ଭ ହୋଇ ବିଶ୍ୱ ପ୍ରସିଦ୍ଧ ଚଉଷଠି ଯୋଗିନୀ ମନ୍ଦିର ନିକଟରେ ଶେଷ ହୋଇଥିଲା । ଏହି ପ୍ରତିଯୋଗିତାରେ ଦୋଳମଣୀ ଚିରଗୁନ୍ ପ୍ରଥମ ସ୍ଥାନ ଅଧିକାର କରି ୧୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ବିଜେତା ଭାବେ ଶୁଭମ ବେହେରାଙ୍କୁ ୭ ହଜାର ଟଙ୍କା, ତୃତୀୟ ବିଜେତା ଜାମିନୀ ସାହୁଙ୍କୁ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ୪ ବିଜେତା ରୂପେ ନନ୍ଦିନୀ ଶବରଙ୍କୁ ୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ନିର୍ଭିକ ଖବରର ସହ ସମ୍ପାଦକ ପ୍ରଳୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ , ଲକ୍ଷ୍ମଣ ଜେନା , ପ୍ରିୟବ୍ରତ ପାତ୍ର, ଦୀପକ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ପିସିସି ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା ଦିବସ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଭବନ ପରିସରରେ ଥିବା ମହାମନିଷୀ ମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନରେ ନିଜକୁ ଉତ୍ସର୍ଗ କରିଥିବା ମହାପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଅଧକ୍ଷତା କରି କହିଲେ ଯେ, ମଧୁବାବୁ ଓଡ଼ିଶା ଗଠନରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରିଦେଇଥିଲେ। ରାଜ୍ୟ ସରକାର ତାଙ୍କୁ ଉଚିତ୍ ସମ୍ମାନ ଦେବା ପରିବର୍ତ୍ତେ କେବଳ ଲୋକ ଦେଖାଣିଆ କାର୍ଯ୍ୟକ୍ରମ କରୁଛନ୍ତି। ଆଜି ରାଜ୍ୟରେ ନାରୀ ନିର୍ଯ୍ୟାତନା, ଶିଶୁ ନିଖୋଜ, ଧର୍ଷଣ ଓ ଗଣ ଧର୍ଷଣ ଚରମ ସୀମାରେ ପହଂଚିଛି। କଂଗ୍ରେସ ଦଳ ମା ମାନଙ୍କୁ ସମ୍ମାନ ଦେବା ପାଇଁ ବିଧାନସଭା ଭିତରେ ଓ ବାହାରେ ଅହରହ ଉଦ୍ୟମ ଚଳାଇଛି। ନିଖୋଜ ହୋଇଥିବା ୬୦ ହଜାର ମହିଳା ଓ ଶିଶୁମାନଙ୍କର ଅବସ୍ଥା କିପରି ଅଛି ଏ ସରକାର ଖୋଜୁଛି କି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଥିଲେ। ଆଜିର ଦିନରେ ରାଜ୍ୟର ସମସ୍ତ ଜିଲ୍ଲା କଂଗ୍ରେସ ପକ୍ଷରୁ ସଂନ୍ଧ୍ୟା ସମୟରେ ବସଷ୍ଟାଣ୍ଡରେ ମହମବତି ଜଳାଇ ସେମାନଙ୍କୁ ଖୋଜିବାରେ ପ୍ରୟାସ କରାଯାଇଛି। ଆଗାମୀ ଦିନରେ ରାଜ୍ୟର ସମସ୍ତ ଗ୍ରାମରେ ମହିଳାମାନେ ରାଜରାସ୍ତାକୁ



ଆସି ନ୍ୟାୟ ମାଗିବା ପାଇଁ ଦଳ ପକ୍ଷରୁ ଯୋଜନା ରହିଛି। ରାଜ୍ୟରେ ହୋଇଥିବା ନଦୀ ଜଳ, ଖଣି ଓ ଜଙ୍ଗଲ ବିକ୍ରିକୁ ବରଦାସ୍ତ କରାଯିବ ନାହିଁ। ରାଜ୍ୟର ପୂର୍ବସୁରୀମାନଙ୍କର ଅବଦାନ ଓ ଆଜିର ଆମ୍ଭମାନଙ୍କର କାର୍ଯ୍ୟଧାରାର ଆତ୍ମ ସମୀକ୍ଷାର ସମୟ ଆସିଛି। ମଧୁବାବୁ ଯେଭଳି ସ୍ୱାଭିମାନୀ ଥିଲେ ଏବଂ ଯେଉଁ ଆଦର୍ଶର ଦିଶା ଦେଇଯାଇଛନ୍ତି ସେଥିରେ ଅନୁପ୍ରାଣିତ ହେବାକୁ ଶ୍ରୀ ଦାସ କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଶ୍ରୀ ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଶିବାନନ୍ଦ ରାୟ ପ୍ରମୁଖ ଓଡ଼ିଶା ଦିବସର ଇତିହାସ ସଂପର୍କରେ ଆଲୋକପାତ କରିଥିଲେ। ଭାରତରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେ କି ଭାଷା ଭିତ୍ତିରେ ଗଠନ ହୋଇଛି। ଏଥିପାଇଁ ମଧୁସୁଦନ ଦାସ, ଗୋପବନ୍ଧୁ, ଫକୀର ମୋହନ, ପଣ୍ଡିତ ନୀଳକଣ୍ଠ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ପ୍ରମୁଖଙ୍କ ନାମ ସର୍ବାଗ୍ରେ ସ୍ମରଣକୁ ଆସେ। ସେମାନଙ୍କ ସହ ଏ ମାଟିର ବରପୁତ୍ର ଯେଉଁମାନେ ରାଜ୍ୟ ଗଠନରେ ନିଜକୁ ସାମିଲ କରିଥିଲେ ସେମାନେ ଆମ ପାଇଁ ଚିରସ୍ମରଣୀୟ। ଆଜିର ଦିନରେ ପୂଜ୍ୟପୂଜାରେ ସରକାର ଉଦାସୀନତା ପ୍ରଦର୍ଶନ କରୁଛନ୍ତି। ଯାହାଫଳରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଶ୍ରମ, ସମୟ ଓ ଜୀବନକୁ ଉତ୍ସର୍ଗ କରିଥିବା ମହାମନିଷୀମାନଙ୍କର ଅମୂଲ୍ୟ ତ୍ୟାଗକୁ ଅଣଦେଖା ହେଉଛି। କୋଟିଆ ଭଳି ରାଜ୍ୟର ସୀମାନ୍ତ ଜିଲ୍ଲାମାନଙ୍କୁ ପଡୋଶୀ ରାଜ୍ୟ ସବୁ କବଳିତ କରିବାକୁ ବସିଲେଣି। ଓଡ଼ିଶାର ଜୀବନ ଧାରା ମହାନଦୀ ଆଜି ଶୁଷ୍କ। ସେହିପରି ବ୍ରାହ୍ମଣୀ, ବୈତରଣୀ ନଦୀ ଆଜି ସଂପୂର୍ଣ୍ଣ ବିପଦରେ। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ନେତୃବୃନ୍ଦ ଦାବୀ କରିଥିଲେ। ଶେଷରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସମୀର କୁମାର ରାଉତରାୟ, ଦେବାଶିଷ ପଟ୍ଟନାୟକ, ନକୁଳ ନାୟକ, କିଶୋର ଜେନା, ମନୋରଞ୍ଜନ ଦାଶ, ଶୁଭେନ୍ଦୁ ମହାନ୍ତି, ପ୍ରକାଶ ମିଶ୍ର, ଚିନ୍ମୟ ସୁନ୍ଦର ଦାସ, ରଜନୀ ମହାନ୍ତି, ବାଙ୍କନିଧି ବେହେରା, ସୁଧାଂଶୁ ଦେଓ, ମନୋରଞ୍ଜନ ରାଉତରାୟ, ସୁଧାଂଶୁ ମହାନ୍ତି, ପ୍ରଣତି ମିଶ୍ର, ସତ୍ୟବ୍ରତ ନାୟକ, ଜ୍ୟୋତିଷ ସାହୁ, ରାଜକିଶୋର ବାରିକ, ତରୁଣ ମିଶ୍ର, ମାନସ ମଲ୍ଲିକ, ଉତ୍ତମ ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ସୁବାସ ପ୍ରଧାନ, ଶଶିଭୂଷଣ ପଣ୍ଡା, ପ୍ରକାଶ ମହାନ୍ତି, ପ୍ରଭାତ ପ୍ରତାପ ସିଂ, ଖଗେଶ୍ୱର ମଲ୍ଲିକ, ବିଜୟ ପ୍ରଧାନ, ଅଭିଶେକ ଦଳବେହେରା, ଗୋକୁଳାନନ୍ଦ ମହାପାତ୍ର, ରାଜେନ୍ଦ୍ର କୁମାର ରାଜପୁତ, ଜ୍ୟୋତି ମହାନ୍ତି ଓ ବିଷ୍ଣୁ ପ୍ରସାଦ ମୁଦୁଲି ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray